## ସଂକ୍ଷେପରେ

### ସତ୍ୟାନୁସନ୍ଧାନର ସ୍ୱନକ୍ଷତ୍ର ଉତ୍ସବ

ବିରିଡ଼ି,୧୪।୧୦(ଡି.ଏନ.ଏ.): ବିରିଡ଼ିରୁ ପ୍ରକାଶ ପାଉଥିବା ସାପ୍ତାହିକ ଓଡ଼ିଆ ଖବରକାଗଜ ସତ୍ୟାନୁସନ୍ଧାନର ପ୍ରଥମ ବାର୍ଷିକ ସ୍ୱନକ୍ଷତ୍ର ଉତ୍ସବ ହାଜିପୁରସ୍ଥିତ ମହାପୁରୁଷ ପଞ୍ଚସଖାଙ୍କ ସାଧନାର କ୍ଷେତ୍ର ଧାନକୁଦ ପୀଠରେ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ସତ୍ୟାନୁସନ୍ଧାନର ପ୍ରକାଶକ ତଥା କାର୍ଯ୍ୟକାରୀ ସମ୍ପାଦକ ବଦ୍ରି ମିଶ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ଧାନକୁଦ ପୀଠାଧିଶ ବାବା ଅରକ୍ଷିତ ଦାସ ମହାରାଜ ଉଦ୍‌ଘାଟନ କରି ଆଧାତ୍ମିକ ଚେତନାରେ ରହି କର୍ମ କଲେ ସଫଳତା ମିଳିବ ବୋଲି କେହିଥିଲେ। ଅବସରପ୍ରାପ୍ତ ବିଚାରପତି ମନୋରଞ୍ଜନ ମହାନ୍ତି ମୁଖ୍ୟଅତିଥି, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଅନୁବାଦକ ପ୍ରଶାନ୍ତ ମହାନ୍ତି ମୁଖ୍ୟବକ୍ତା, ଅବସରପ୍ରାପ୍ତ ଡେପୁଟି କଲେକ୍ଟର ସୁରେଶ୍ର ମହାନ୍ତି, ଖବରଦାତା ରାଜେନ୍ଦ୍ର ମହାପାତ୍ର, କବି ଶ୍ରୀପତି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୁଳବ୍ରାହ୍ମଣ ସାଇଲୋ ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟା ପ୍ରଭାତି ପାତ୍ର, ଗୁରୁମା ପାର୍ବତୀ ସ୍ୱାଇଁ, ସୁଶାନ୍ତ ପରିଡ଼ା ରାଷ୍ଟ୍ରୀୟ ସଙ୍ଗୀତ ଗାନ କରିଥିଲେ।

### ୨ ବାଲି ବୋଝେଇ ଟ୍ରାକ୍ଟର ଜବତ

ନାଉଗାଁ,୧୪।୧୦(ସ୍ୱ.ପ୍ର.): ନାଉଗାଁ ବ୍ଲକ ଦେବୀନଦୀ ପଠାରୁ ଦୀର୍ଘଦିନ ହେବ ବେଆଇନ ଭାବେ ବାଲି ଚାଲାଣ ହେଉଛି। ଏହି ନଦୀର ଓଷକଣା ପଞ୍ଚାୟତ ଭଟଣା, ବଛାଲୋ ପଞ୍ଚାୟତର ପାଳନ୍ଦୀ, ରୋହିଆ ଆଦି ସ୍ଥାନରୁ ମାଫିଆମାନେ ବାଲି ଚାଲାଣ କରୁଛନ୍ତି। ଖବର ପାଇ ନାଉଗାଁ ପୋଲିସ ୨ଟି ବେଆଇନ୍ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ଭର କର କହିଛନ୍ତି ଯେ, ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଥିଲା। ଯେହେତୁ ଏହା ତହସିଲଦାରଙ୍କ କାର୍ଯ୍ୟ, ତେଣୁ ତଦନ୍ତ ପାଇଁ ଆମେ ତହସିଲକୁ ପଠାଇଛୁ। ତହସିଲଦାର ଜେ.କଳ୍ପନା କହିଛନ୍ତି ଯେ, ବେଆଇନ୍ ବାଲି ଚାଲାଣ ଯୋଗୁ ୨ ଟ୍ରାକ୍ଟର ଉପରେ ୨୫ ହଜାର ଟଙ୍କା ଲେଖାଏ ଜରିମାନା ହୋଇଛି।

### ଜିଲାପାଳଙ୍କ ଜନଶୁଣାଣି, ୧୪୨ ଅଭିଯୋଗ

ତିର୍ତ୍ତୋଲ,୧୪।୧୦(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ପରିସରରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତର ଜନସାଧାରଣଙ୍କ ପକ୍ଷରୁ ମୋଟ୍ ୧୪୨ ଅଭିଯୋଗ ହୋଇଥିଲା। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଉପସ୍ଥିତ ରହି ସେଥିମଧ୍ୟରୁ ୮ଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ। ଶିବିରରେ ବିଜୁ ପକ୍କାଘର ବାବଦରେ ସର୍ବାଧିକ ୫୩ ଅଭିଯୋଗ ହୋଇଥିଲା। ଏହାବାଦ୍ ଗ୍ରାମ୍ୟ ବିବାଦ ସମ୍ପର୍କିତ ୧୬, ଭତ୍ତା ବାବଦରେ ୧୦, ରାଶନ କାର୍ଡ ୬, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ସମ୍ପର୍କିତ ୩, ଆଇନ୍ ସହାୟତା ୭, ଘରଡିହ ଓ ପଟ୍ଟା ବାବଦରେ ୯, ଗାଈ ଗୁହାଳ ସମ୍ପର୍କିତ ୨ ଓ ଅନ୍ୟାନ୍ୟ ୨୨ ଅଭିଯୋଗ ଗ୍ରହଣ କରାଯାଇଥିଲା। ଏସପି ଆର. ପ୍ରକାଶ, ବିଡିଓ ରଞ୍ଜନ ପରିଡା, ବ୍ଲକ ଅଧକ୍ଷା ସୁଜାତା ମହାନ୍ତି, ତହସିଲଦାର ସୁଜାତା ପାତ୍ର, ଡିଏସ୍‌ଡବ୍ଲ୍ୟୁ ଏ.ଡବ୍ଲ୍ୟୁ. ଖାନ, ଜିପିଓ ସଞ୍ଜୟ ଦାସ, ଏସଇଓ ବିଜୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ୧୪ତମ ବାର୍ଷିକ ଉର୍ସ ଉତ୍ସବ

ବାଲିଆ,୧୪।୧୦: ବିରିଡ଼ି ବ୍ଲକ ବାଲିଆ ଗୋପିନାଥପୁର ପଞ୍ଚାୟତର ଭବାନୀପୁରଠାରେ ହଜରତ ସୟଦ ଲାଲ କାଦିର ଶାହ ଓ ହଜରତ ସୟଦ ନାଦିର ଶାହ ବାବାଙ୍କ ୧୪ତମ ବାର୍ଷିକ ଉର୍ସ ଉତ୍ସବ ପାଳିତ ହୋଇଛି। ହାଫିଜ୍ ଓ କାରି ଶେଖ୍ ଅବଦୁଲ ସକୁର କୋରାନ ପଢ଼ିଥିଲେ। ସାୟର ସାହିଦ୍ ରାଜା ନାତ୍ ଓ ମନକାବାତ୍ ପଢି ଶୁଣାଇଥିଲେ। ଜନାବ ମୌଲାନା ରିୟାଜତ୍ ହୁସେନ ଅଜହରି, ହଜରତ ଅଲ୍ଲାମା ମୌଲାନା ଇମ୍‌ତେୟାଜ୍ ରଜ୍‌ୱି ଲୋକଙ୍କୁ ସତ୍‌ମାର୍ଗ ଅନୁସରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଜଲସା କାର୍ଯ୍ୟକ୍ରମଟି ମୌଲାନା ଆବଦୁଲ ଗଫାର ହବିବ ଇମାମ, ମୌଲାନା ସୟଦ ମର ହୋସେନ ହବିବ ଓ ମୌଲାନା ଇସ୍ରଇଲ୍ ଶାହାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଉର୍ସ କମିଟି ସଭାପତି ମୌଲାନା ରୌନକ ଅଲ୍ଲୀ, ସମ୍ପାଦକ ମୁସ୍ତାକ ଶାହା, କୋଷାଧକ୍ଷ ଏକବାଲ ଏହମ୍ମଦ ଶାହା, ସରଦାର ସଗିର ଖାଁ, ନାୟବ ସରଦାର ଲତିଫ ଖାଁ ଓ ଭବାନୀପୁର ଗ୍ରାମର ଇମ୍‌ତୟାଜ୍ ଶାହା, ଇଜାଜ ଅହମଦ ଶାହା, ରିୟାସତ୍, ସରଫରାଜ ପ୍ରମୁଖ ପରିଚାଳନା କରିଥିଲେ।

## ମହାନଦୀ ପୋଲ ଉପରେ ଟ୍ରକ୍ ରଖି ଚାଳକ ନିଖୋଜ

# ଦୁର୍ଘଟଣା ଅଭିଯୋଗ ଆଣିଲେ ସ୍ତ୍ରୀ

- ଦିନସାରା ପାଣିରେ ଖୋଜିଲା ପୋଲିସ
- ହେଲ୍‌ପରଙ୍କ ବୟାନ ସନ୍ଦେହଜନକ, ମାଲିକଙ୍କ ଦେଖା ନାହିଁ
- ପରିବାର ଲୋକଙ୍କ ଭିନ୍ନମତ, ଦ୍ୱନ୍ଦ୍ୱରେ ପୋଲିସ


ଅଲେଖ ନାୟକ।

ପାରାଦୀପ,୧୪।୧୦(ସ୍ୱ.ପ୍ର.)

ଚଣ୍ଡିଖୋଲ-ପାରାଦୀପ ୫ନଂ.(କ) ଜାତୀୟ ରାଜପଥର ଭୁତମୁଣ୍ଡାଇ ପାଖ ମହାନଦୀ ପୋଲ ଉପରେ ରବିବାର ସନ୍ଧ୍ୟାରେ ଜଣେ ଟ୍ରକ୍ ଚାଳକ ଗାଡି ରଖିଦେଇ କେଉଁଆଡେ ଉଭାନ ହୋଇଗଲେ। ସେ ପାଣିକୁ ଖସିପଡ଼ିଥିବା ଟ୍ରକ୍ ହେଲ୍‌ପର କହୁଛନ୍ତି। ଏହାକୁ ଭିତ୍ତି କରି ରବିବାର ରାତିରୁ ସୋମବାର ଦିନତମାମ ପୋଲିସ ଓଡ୍ରାଫ୍ ଟିମ୍ ଓ ଦମକଳବାହିନୀ ସହଯୋଗରେ ପାଣିରେ ଖୋଜିଖୋଜି ନୟାନ୍ତ ହୋଇଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିନାହିଁ। ଅନ୍ୟପକ୍ଷରେ ଟ୍ରକ୍ ମାଲିକ ଅଦ୍ୟାବଧି ଦେଖା ଦେଉନାହାନ୍ତି। ହେଲପରଙ୍କ ବୟାନରେ ମଧ୍ୟ ତାଳମେଳ ରହୁ ନ ଥିବାରୁ ଘଟଣା ଅଧିକ ରହସ୍ୟାବୃତ୍ତ ହୋଇପଡିଛି। ଏଭଳି ସ୍ଥିତିରେ ନିଖୋଜ ଚାଳକଙ୍କ ସ୍ତ୍ରୀ ଥାନାରେ ଦୁର୍ଘଟଣା ଅଭିଯୋଗ କରିଛନ୍ତି, ଯାହାକୁ ଭିତ୍ତି କରି ପୋଲିସ ମାମଲା ନଂ.୧୮୬/୧୯ ରୁଜୁ କରି ତଦନ୍ତ ଚଳାଇଛି।

ନିଖୋଜ ଟ୍ରକ୍ ଚାଳକ ହେଲେ ଅନୁଗୋଳ ଜିଲା ଖମାର ଥାନା ଅନ୍ତର୍ଗତ ବରକୋଲାପାଳର ଅଲେଖ ନାୟକ(୩୨)। ସେ ଏକ ଲୁହାପଥର ବୋଝେଇ ଟ୍ରକ୍ (ନଂ.ଓଡି୦୫ଏଏଫ୍୮୪୯୯) ନେଇ ପାରାଦୀପ ଅଭିମୁଖେ ଯାଉଥିଲେ। ତାଙ୍କ ସହ ଟ୍ରକ୍‌ର ହେଲ୍‌ପର ତଥା ଖମାର ଥାନା ଅନ୍ତର୍ଗତ କୋଲଣ୍ଡା ଗ୍ରାମର ରାଜୁ ନାୟକ ମଧ୍ୟ ଥିଲେ। ଉଭୟ ପାରିବାରିକ ସମ୍ପର୍କୀୟ ବୋଲି ଜଣାଯାଇଛି। ସନ୍ଧ୍ୟାବେଳେ ଅଲେଖ ମହାନଦୀ ପୋଲ ଉପରେ ଟ୍ରକ ରଖିଥିଲେ। ଏହା ପରେ କେଉଁଆଡେ ନିଖୋଜ ହୋଇଯାଇଥିଲେ। ଏହି ଘଟଣାର ଏକମାତ୍ର ସାକ୍ଷୀ ହେଉଛନ୍ତି ରାଜୁ। ତାଙ୍କ କହିବା ଅନୁଯାୟୀ, ସନ୍ଧ୍ୟା ୬ଟାରେ ଅଲେଖ ଟ୍ରକ୍‌ରୁ ଓହ୍ଲାଇ ପୋଲର ଡାହାଣ ପାର୍ଶ୍ୱରେ ଥିବା ଲୁହା ରଡ୍‌କୁ ଆଉଜି କଥା ହେଉଥିଲେ। ଏହି ସମୟରେ ରାସ୍ତାରେ ଏକ ବୋଲେରୋ ଗାଡ଼ି ପାଶ୍ କରିଥିଲା। ଗାଡ଼ି ଯିବାବେଳେ ପାଣିରେ କ'ଣ ଗୋଟିଏ ପଡ଼ିବାର ଶବ୍ଦ ହୋଇଥିଲା। ସେ ଯାଇ ଦେଖିବା ବେଳକୁ ଅଲେଖ ନ ଥିଲେ। ତେଣୁ ସେ ପାଣିକୁ ଖସିପଡିଥିବା ରାଜୁ କହିଛନ୍ତି। ଘଟଣା ସମ୍ପର୍କରେ ସେ ଟ୍ରକ୍ ମାଲିକ ବିଶ୍ୱଜିତ ପାଣି ଏବଂ ଅଲେଖଙ୍କ ସ୍ତ୍ରୀଙ୍କୁ ଫୋନ୍ କରି ସୂଚନା ଦେଇଥିଲେ। ପରେ ତାଙ୍କ ମୋବାଇଲ ଚାର୍ଜ ସରିଯିବାରୁ ସେ ଗାଡ଼ି ଛାଡ଼ି ଭୁତମୁଣ୍ଡାଇ ବଜାରରେ ରାତି କଟାଇଥିଲେ। ରାଜୁଙ୍କ କଥା ଅନୁସାରେ ଅଲେଖଙ୍କ ସ୍ତ୍ରୀ ସୋମବାର ପାରାଦୀପ ଲକ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ଅଲେଖଙ୍କ ବଡ଼ଭାଇ ଓ ଭିଣୋଇ ଭିନ୍ନ କଥା କହିଛନ୍ତି। ସେମାନେ କହିଛନ୍ତି ଯେ, ଅଲେଖ ଦୁଇଟି ଛୋଟ ଚଢେଇ ବିହାରରୁ ଆଣି ଗାଡ଼ିରେ ରଖିଥିଲେ। ସେହି ଚଢେଇକୁ ରାଜୁ ପଞ୍ଜୁରୀରୁ କାଢି ଉଡାଇ ଦେବାରୁ ଦୁଇଜଣଙ୍କ ମଧ୍ୟରେ ପାଟିତୁଣ୍ଡ ଓ ଠେଲାପେଲା ହୋଇଥିଲା। ଏହି ସମୟରେ ଅଲେଖ ପାଣିକୁ ଖସିପଡ଼ିଥିଲେ। ଏଭଳି ଦ୍ୱନ୍ଦ୍ୱାତ୍ମକ ବୟାନ ପୋଲିସକୁ ଅଡୁଆରେ ପକାଇଛି। ଯେଉଁ ସ୍ଥାନରେ ଅଲେଖ ଖସିପଡିଥିବା କୁହାଯାଉଛି, ସେହି ସ୍ଥାନରେ ରାସ୍ତା ଉପରେ ଉକ୍ତ ଟ୍ରକ୍ ସେମିତି ଅଟକି ରହିଛି। ଦିନ ତମାମ ଓଡ୍ରାଫ ଟିମ୍, ଦମକଳ ବାହିନୀ ମହାନଦୀରେ ଖୋଜିଥିଲେ ହେଁ ତାଙ୍କର କୌଣସି ପତ୍ତା ମିଳିନାହିଁ। ଥାନା ଅଧିକାରୀ ପ୍ରଭାସ ଚନ୍ଦ୍ର ସାହୁ କୁହନ୍ତି, ଆମେ ତାଙ୍କ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରିଛୁ। ରାଜୁଙ୍କ ବୟାନ ରେକର୍ଡ କରିଛୁ। ଯେ ପର୍ଯ୍ୟନ୍ତ ଅଲେଖଙ୍କ ସନ୍ଧାନ ମିଳିନାହିଁ, ଆମେ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିବୁନି। ସବୁଦିଗରୁ ତଦନ୍ତ ଚାଲିଛି। ସୂଚନାଯୋଗ୍ୟ, ଅଲେଖଙ୍କର ୮ବର୍ଷର ପୁଅ ଓ ୩ବର୍ଷର ଝିଅ ଅଛନ୍ତି।


ମହାନଦୀରେ ଉଦ୍ଧାରକାରୀ ଦଳ ଖୋଜୁଛନ୍ତି।

### ଘରକୁ ଫେରୁଛି କହି ନିଖୋଜ ହୋଇଗଲେ ସୁରେଶ

ଏରସମା,୧୪।୧୦(ସ୍ୱ.ପ୍ର.)

ଖୋର୍ଦ୍ଧାରୁ ବସ୍ ଯୋଗେ ସେ ଘରକୁ ଫେରିବାର ଥିଲା। ମାତ୍ର ୨/୩ ଘଣ୍ଟା ମଧ୍ୟରେ ପହଞ୍ଚିବେ ବୋଲି ପୁଅକୁ ଫୋନ୍ କରି କହିଥିଲେ। କିନ୍ତୁ ଏହା ମଧ୍ୟରେ ୫ଦିନ ବିତିଯାଇଥିଲେ ମଧ୍ୟ ସେ ଘରକୁ ଫେରିନାହାନ୍ତି। ଫୋନ୍ କରିବାରୁ ମୋବାଇଲ୍ ସୁଇଚ୍‌ଡ ଅଫ୍ ଦେଖାଉଛି। ଏରସମା ଥାନା ଭିତର ଅନ୍ଧାରୀ ପଞ୍ଚାୟତ ଜଳଉ ଗ୍ରାମର ସୁରେଶ ନାୟକ(୫୩) ହଠାତ୍ ଏଭଳି ନିଖୋଜ ହୋଇଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଚ୍ୟର ବିଷୟ ହୋଇଛି। ଏ ସମ୍ପର୍କରେ ତାଙ୍କ ପୁଅ ଶଶିକାନ୍ତ ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସୁରେଶ ଖୋର୍ଦ୍ଧାର ଏକ କମ୍ପାନୀରେ କାମ କରୁଥିଲେ। ଗତ ୧୧ ତାରଖ ଦିନ ସେ ଘରକୁ ଫେରୁଥିଲେ। କମ୍ପାନୀର ଜଣେ ଯୁବକ ତାଙ୍କୁ ବାଇକରେ ଆଣି ଜଟଣୀ ଛକରେ ଛାଡ଼ିଥିଲେ। ସେଠାରୁ ସେ ବସ ଯୋଗେ ଘରକୁ ଫେରିବା କଥା। ଆଉ ମାତ୍ର ୨/୩ ଘଣ୍ଟା ମଧ୍ୟରେ ଘରେ ପହଞ୍ଚିବେ ବୋଲି ସେ ତାଙ୍କ ପୁଅଙ୍କୁ ଫୋନ୍ କରି କହିଥିଲେ। ମାତ୍ର ଏଯାବତ୍ ସେ ନ ଫେରିବା ପରିବାର ଲୋକଙ୍କୁ ଚିନ୍ତାରେ ପକାଇଛି।

## ହବିଷିଆଳିଙ୍କ କାର୍ତ୍ତିକ ବ୍ରତ ଆରମ୍ଭ


କାର୍ତ୍ତିକ ବ୍ରତ ପାଳନ କରୁଥିବା ହବିଷିଆଳିମାନେ ପୂଜା କରୁଛନ୍ତି।

ବିରିଡ଼ି,୧୪।୧୦(ଡି.ଏନ.ଏ.)

ବିରିଡ଼ି ବ୍ଲକ ହାଜିପୁର ଧାନକୁଦଠାରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିର ଓ ୨୨ ମୌଜା ବାରଡିଆସ୍ଥିତ ସିଦ୍ଧେଶ୍ୱରଙ୍କ ପୀଠରେ ସୋମବାରଠାରୁ ମହାକାର୍ତ୍ତିକ ବ୍ରତ ଆରମ୍ଭ ହୋଇଛି। ଧାନକୁଦ ମନ୍ଦିରରେ ୬୦ ରୁ ଉର୍ଦ୍ଧ୍ୱ ଓ ସିଦ୍ଧ ଜଗନ୍ନାଥ ମନ୍ଦିରରେ ୫୪ରୁ ଉର୍ଦ୍ଧ୍ୱ ହବିଷିଆଳି ପରମ୍ପରା ନୀତି ଅନୁଯାୟୀ ବ୍ରତ ପାଳନ କରୁଛନ୍ତି। ପ୍ରତ୍ୟହ ବ୍ରାହ୍ମ ମୁହୂର୍ତ୍ତରୁ ସ୍ନାନ ସାରି ସେମାନେ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଭକ୍ତି ନୈବେଦ୍ୟ, ଧୂପ, ଦୀପଦାନ କରୁଛନ୍ତି। ପରେ ବୃନ୍ଦାବତୀଙ୍କ ପାଖରେ ରାଧାଦାମୋଦରଙ୍କ ଫଟୋଚିତ୍ର ସ୍ଥାପନା କରି ଗୁଆ, ନଡିଆ ବସାଇ ପୂଜା କରିବା ସହ ସୂର୍ଯ୍ୟ ପୂଜା କରୁଛନ୍ତି। ସେମାନେ ଦିବସରେ ଏକବାର ହବିଷ୍ୟ ଅନ୍ନ ଭୋଜନ କରିବା ସହିତ ସନ୍ଧ୍ୟାରେ ଜଗନ୍ନାଥଙ୍କ ପାଖରେ ଦୀପଦାନ କରିବେ। ଏକମାସ ଧରି ସେମାନେ ଦଶ ଅବତାର ସ୍ତବ, ଗୀତା, ଭାଗବତ ପାଠ କରିବେ। ପଞ୍ଚକ ପାଞ୍ଚ ଦିନ ବ୍ୟାପୀ ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ କାର୍ତ୍ତିକ ମହାତ୍ମ୍ୟ ପାଠ କରାଯିବାର ବିଧି ରହିଛି। ହବିଷିଆଳିଙ୍କ ରହିବା, ଖାଇବା ଓ ସ୍ୱାସ୍ଥ୍ୟସେବା ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

### ବ୍ଲକ ରିଟେଲର ସଂଘ ବୈଠକ

ବାଲିଆ,୧୪।୧୦

ବିରିଡ଼ି ବ୍ଲକ ରିଟେଲର ସଂଘର ଏକ ବୈଠକ ରବିବାର ୨୨ ମୌଜାର ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏଥିରେ ୫୦ରୁ ଉର୍ଦ୍ଧ୍ୱ ରିଟେଲର ଯୋଗଦେଇ ସରକାରଙ୍କ ରିଟେଲର ଉଚ୍ଛେଦ ମସୁଧାକୁ ତୀବ୍ର ବିରୋଧ କରିଥିଲେ। ବିରିଡ଼ି ବ୍ଲକ ସଂଘ ସଭାପତି ଇବ୍ରାହିମ ଖାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଧନେଶ୍ୱର ବେହେରା, କୋଷାଧ୍ୟକ୍ଷ ଅଭୟ କୁମାର ମହାନ୍ତି, ସୁଦାମ ଚରଣ ଖଟେଇ, ଦୁର୍ଗାପ୍ରସାଦ ସ୍ୱାଇଁ, ତ୍ରିଲୋଚନ ଜେନା, ଅଶୋକ ତ୍ରିପାଠୀ, ଶରତ ଜେନା, ଉର୍ମିଳା ମିଶ୍ର, କୈଳାସ ଜେନା, ସୁଶୀଲ ଷଡ଼ଙ୍ଗୀ, ବିପିନ ରାଉତ, ଗୁରୁଚରଣ ସାହୁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ରେଟେଲରମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବା କହିଥିଲେ। ଗ୍ରାମାଞ୍ଚଳରେ ରିଟେଲର ଉଚ୍ଛେଦ ପାଇଁ ଯୋଜନା ଚାଲିଥିବାରୁ ସେମାନଙ୍କ ପରିବାର ଏକ ପ୍ରକାର ଦୁର୍ଦ୍ଦିନ ଆଡକୁ ଠେଲି ହୋଇଯିବାର ଆଶଙ୍କା ରହିଛି। ଦୀର୍ଘ ୪୦ବର୍ଷରୁ ଉର୍ଦ୍ଧ୍ୱ ଏହି ବ୍ୟବସ୍ଥାରେ ରିଟେଲରମାନେ ଅତି ସୁରୁଖୁରୁରେ ଖାଉଟି ସାମଗ୍ରୀ ହିତାଧିକାରୀଙ୍କୁ ବଣ୍ଟନ କରିଆସୁଛନ୍ତି। ଏପରିକି ସେମାନଙ୍କ ବିରୋଧରେ କୌଣସି ଅଭିଯୋଗ ନ ଥାଇ ସରକାର ଏଭଳି ନିଷ୍ପତ୍ତି ନେବା ଯୁକ୍ତିଯୁକ୍ତ ନୁହେଁ। ଯଦି ରିଟେଲର ବ୍ୟବସ୍ଥା ଉଚ୍ଛେଦ କରାଯାଏ, ତେବେ କେବଳ ବିରିଡ଼ି ବ୍ଲକ ନୁହେଁ, ସମଗ୍ର ରାଜ୍ୟରେ ରିଟେଲରମାନେ ରାସ୍ତାକୁ ଓହ୍ଲାଇବେ ବୋଲି ବୈଠକରେ ସେମାନେ ଚେତାବନୀ ଦେଇଛନ୍ତି।

## ସମସ୍ତଙ୍କୁ ସାଂସ୍କୃତିକ ଡୋରିରେ ବାନ୍ଧି ରଖେ କୁମାରୋତ୍ସବ

ତିର୍ତ୍ତୋଲ,୧୪।୧୦(ଡି.ଏନ.ଏ.)

ସାଂସ୍କୃତିକ ଅନୁଷ୍ଠାନ କୁମାର ଉତ୍ସବ ସମିତିର ୪୬ତମ ବାର୍ଷିକୋତ୍ସବ ଓ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ସମାରୋହ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ କୁମାର ପୂର୍ଣ୍ଣିମା ପାଳନ ଓ ବୈଷ୍ଣବ ପାଣୀ ଜୟନ୍ତୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ ମୁଖ୍ୟବକ୍ତା ଭାବେ ଯୋଗଦେଇ କୁମାର ପୂର୍ଣ୍ଣିମା ଭଳି ଉତ୍ସବ ଆମ ସମସ୍ତଙ୍କୁ ସାଂସ୍କୃତିକ ଡୋରିରେ ବାନ୍ଧି ରଖେ ବୋଲି କହିଥିଲେ। ସିବିଆଇ ବିଚାରପତି ଲୋକନାଥ ମାହପାତ୍ର, ଯାତ୍ରା ଅଭିନେତା ସଂଜୟ ଭୋଳ, ନାଟ୍ୟକାର ବିଜୟ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମିତିର ସଭାପତି ବିଭୂତି ଭୂଷଣ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଉପଦେଷ୍ଟା ସୁଶ୍ରୀ ବିଜୟା ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହସମ୍ପାଦକ ସୁଖେନ୍ଦୁ ଦାଶ ବିବରଣୀ ପାଠ କରିଥିଲେ। ଉପସଭାପତି ରାକେଶ କୁମାର ମହାପାତ୍ର, କୋଷାଧକ୍ଷ ନବକୁମାର ମହାପାତ୍ର, ବିମଳ ମହାପାତ୍ର, ପ୍ରଯୋଜକ ପ୍ରଶାନ୍ତ ମହାନ୍ତି, ସୁଧାଂଶୁ ମହାପାତ୍ର, ଧିରେନ ଦାସ, ସଞ୍ଜୟ ମହାପାତ୍ର, ଅନିଲ ରାୟ, ବିରଜା ମହାପାତ୍ର, ଅସିତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ନିର୍ଦ୍ଦେଶିତ 'ଫଗୁଣ ଅଳପ ଶ୍ରାବଣ ବେଶି' ନାଟକ ପରିବେଷଣ କରାଯାଇଥିଲା।

## ଆଶାକର୍ମୀଙ୍କୁ ଟିକାକରଣ ତାଲିମ

ବିରିଡ଼ି,୧୪।୧୦(ଡି.ଏନ.ଏ)

ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅଡଙ୍ଗଗଡ଼ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ସାଧନ କେନ୍ଦ୍ରଠାରେ ସୋମବାର ଆଶାକର୍ମୀମାନଙ୍କୁ ଟିକାକରଣ ସମ୍ପର୍କରେ ତାଲିମ ଦିଆଯାଇଛି। ବିଭିନ୍ନ ଟିକାକରଣକୁ ସଫଳ କରିବା ସହିତ ଗାଁରେ ଥିବା ଲୋକଙ୍କୁ ସଚେତନ କରିବା ଓ ସେମାନଙ୍କ ମଧ୍ୟରେ ଭୟ ଓ ନକରାତ୍ମକ ମନୋଭାବ ଦୂର କରିବା ନିମନ୍ତେ ଏଥିରେ କୁହାଯାଇଥିଲା। ଏଥିସହ ସୁସ୍ଥ ଓ ନିରୋଗ ଜୀବନଯାପନ କରିବା ପାଇଁ ଲୋକଙ୍କୁ ବୁଝାଇବା ନିମନ୍ତେ ଆଶାକର୍ମୀଙ୍କ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ୩୫ ଆଶାକର୍ମୀ ଉପସ୍ଥିତ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚଇଓ ଭାବନୀଶଙ୍କର ହାଲଦାର ଓ ପିଏଚଇଓ ମଣ୍ଡାସାହିର ସୁବ୍ରତ କୁମାର ମହାପାତ୍ର ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡା. ପ୍ରାଇମ ପ୍ରିୟରଞ୍ଜନ ଉଦ୍‌ଘାଟନ କରିଥିଲେ।

## ବୋରିଖି ସରକାରୀ ହାଇସ୍କୁଲ ପ୍ରତିଷ୍ଠା ଦିବସ


ଉତ୍ସବରେ ଉପସ୍ଥିତ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

କୁଜଙ୍ଗ,୧୪।୧୦(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ୍ ପାଟପୁର ପଞ୍ଚାୟତ ବୋରିଖି ସରକାରୀ ଉଚ୍ଚ ବିଦ୍ୟାଳୟର ୫୨ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପିକା ତଥା ସତ୍ୟସାଇ ସେବା ସଙ୍ଗଠନର ଜିଲା ଶିକ୍ଷା ସଂଯୋଜିକା ଜୟନ୍ତୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ବହୁ ହିତୋପଦେଶ ଓ ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ରସଂଘ ଆବାହକ ପ୍ରାଧ୍ୟାପକ ଡ.ବିଜୁନୀ ଚରଣ ସୂତାର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ସରୋଜ କୁମାର ବେହେରା ବିବରଣୀ ପାଠ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ବଳରାମ ଦାଶ, ହୃଦାନନ୍ଦ ବେଉରା, ବ୍ରାହ୍ମାନନ୍ଦ ବେଉରା, ସର୍ବେଶ୍ୱର ଜେନା, ଜ୍ୟୋତ୍ସ୍ନାରାଣୀ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଧର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ସର୍ବଶ୍ରୀ ପ୍ରତାପ ବସ୍ତିଆ, ଅରୁଣ ବେଉରା, ଶୁଭ୍ରକାନ୍ତ ସାମନ୍ତରାୟ, ପ୍ରଶାନ୍ତ ନାୟକ, ଅଜୟ ଶତପଥୀ, ସଚ୍ଚିଦାନନ୍ଦ ମହାପାତ୍ର, ଫକୀର ଚରଣ ମହାନ୍ତି, ଗଣେଶ ନାଥ, ଅକ୍ଷୟ ଦାସ, ଦିଲୀପ ବସ୍ତିଆ, ଭାନୁପ୍ରକାଶ ନନ୍ଦୀ, ତନୁଲତା ପରିଡା ଓ କୀରଣବାଳା ପଶାୟତ ପ୍ରମୁଖ ପରିଚାଳନା କରିଥିଲେ।

### ଅବସରପ୍ରାପ୍ତ କର୍ମଚାରୀ ସେବା ସଂଘ ବୈଠକ

କୁଜଙ୍ଗ,୧୪।୧୦(ସ୍ୱ.ପ୍ର.)

ଅବସରପ୍ରାପ୍ତ କର୍ମଚାରୀ ସେବା ସଂଘ ଭୂତମୁଣ୍ଡାଇ ପକ୍ଷରୁ ଏକ ବୈଠକ ପନ୍ଦର ନମ୍ବରଠାରେ ଅନୁଷ୍ଠିତ ହୋଇଛି। ସଂଘର ସଭାପତି ବିଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କବି ପିତାମ୍ବର ତରାଇ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନେ ଉତ୍ତରପିଢିକୁ ବହୁତ କିଛି ଦେବାକୁ ସ୍ୱପ୍ନ ଦେଖିଥିବାବେଳେ ଆଜିର ଜଗତିକରଣ, ଉଦାରୀକରଣ ଯୁଗରେ ପ୍ରଜ୍ଞା, ସମ୍ପର୍କ ତଥା ଉଚ୍ଚ ମୂଲ୍ୟବୋଧକୁ ଉଚିତ ସମ୍ମାନ ମିଳୁ ନ ଥିବା କହି କ୍ଷୋଭ ପ୍ରକାଶ କରିଥିଲେ। ଆୟୁର୍ବେଦ ବିଶାରଦ ଡା. ଦେବଦତ୍ତ ସମାନ୍ତରାୟ ଓ ସାହିତ୍ୟିକ ମଳୟ ରାଉତ ଆଧୁନିକ ଜୀବନ ସହ ଦେଖାଦେଉଥିବା ସ୍ୱାସ୍ଥ୍ୟଗତ ତଥା ସାମାଜିକ ସମସ୍ୟା ଓ ଏହାର ସମାଧାନ ବିଷୟରେ କହିଥିଲେ। ସଂଘ ସମ୍ପାଦିକା କବୟିତ୍ରୀ ଗୋଲାପରାଣୀ ସାହୁ ବିବରଣୀ ପାଠ କରିଥିଲେ। ସଭ୍ୟ କୁଳମଣି ତରାଇ, ପୂର୍ବତନ ସଭାପତି ଶଙ୍କର୍ଷଣ ସ୍ୱାଇଁ, ବାବୁରାମ ଚୌଧୁରୀ, ଗୟାଧର ତରାଇ, କାହ୍ନୁ ଚରଣ ସ୍ୱାଇଁ, ବିପିନ ବିହାରୀ ସାମନ୍ତରାୟ ପ୍ରମୁଖ ନିଜ ଅନୁଭୂତି ସମ୍ପର୍କରେ କହିଥିଲେ। ସଂଘର ୭୩ ଜଣ ସଭ୍ୟାସଭ୍ୟ ପଶ୍ଚିମ ଭାରତ, ଶିରିଡ଼ି, ମୁମ୍ବାଇ, ନାସିକ୍, ଔରଙ୍ଗାବାଦ୍ ଗସ୍ତର ବହୁ ସୁଖଦ ଅନୁଭୂତି ବଖାଣିଥିଲେ। ମାୟାଧର ଦାସ ବୈଠକ ସଂଯୋଜନା କରିଥିଲେ। ବିପିନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ବାଲିଘର ତରଫରୁ କବିତା ପାଠୋତ୍ସବ

### ପଣ୍ଡିତ ଭାସ୍କର ଶତପଥୀଙ୍କ ଜୟନ୍ତୀ

ତିର୍ତ୍ତୋଲ,୧୪।୧୦(ଡି.ଏନ.ଏ.)

ସାହିତ୍ୟାନୁଷ୍ଠାନ 'ବାଲିଘର'ତରଫରୁ କବିତା ପାଠୋତ୍ସବ ଓ ପଣ୍ଡିତ ଭାସ୍କର ଚନ୍ଦ୍ର ଶତପଥୀଙ୍କ ୮୦ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଛି। ଗରାମ ପଞ୍ଚାୟତ ଅଲଣା ମଠ ସତ୍ୟନାରାୟଣ ମନ୍ଦିର ପରିସରରେ ଶିକ୍ଷାବିତ ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବାଲିଘରର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଭାବେ ସ୍ତମ୍ଭକାର ସତ୍ୟ ରାୟ, ଡା. ଦୀପକ ରାଜ, ପଣ୍ଡିତ ମନୋରଞ୍ଜନ ନନ୍ଦ, ଉତ୍କଳ ରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ନିକୁଞ୍ଜ କିଶୋର ଶତପଥୀ, ଗୋଲୋକ ବିହାରୀ ପଲାଇ, ଗାୟକ ପ୍ରବୋଧ ରଥ, ଆଇନଜୀବୀ ସଂଯୋଜ କୁମାର ସାମନ୍ତରାୟ, ଚିତ୍ତରଞ୍ଜନ ଦାସ, ନାଟ୍ୟକାର ଶ୍ରୀନିବାସ ବିଶ୍ୱାଳ ପ୍ରମୁଖ ଯୋଗଦେଇ ପଣ୍ଡିତ ଶତପଥୀଙ୍କ ନିରାମୟ ଜୀବନ କାମନା କରିଥିଲେ। ଏଥିସହ ଶତପଥୀଙ୍କୁ ଅଙ୍ଗବସ୍ତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଶତପଥୀଙ୍କ ଦ୍ୱାରା ମହାକବି କାଳିଦାସଙ୍କ ରଚିତ ପୁସ୍ତକ 'ଋତୁ ସଂହାର'ର ଓଡ଼ିଆ ଅନୁବାଦ ପୁସ୍ତକ ଉନ୍ମୋଚିତ ହୋଇଥିଲା। କବୟିତ୍ରୀ ବସନ୍ତ ମଞ୍ଜରୀ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ବୈଦ୍ୟନାଥ ସାହୁ, ବାସବ କୁମାର ନନ୍ଦ, ସହଦେବ କୁଅଁର, ନିରଞ୍ଜନ କୁଅଁର, ସମୀର ରଞ୍ଜନ ଦାସ, ଶଶିଭୂଷଣ ବାରିକ, ରବୀନ୍ଦ୍ର କୁମାର ଦାଶଙ୍କ ସମେତ ୬୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଯଜାତି କେଶରୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।


ବାଲିଘର ପକ୍ଷରୁ ଭାସ୍କର ଶତପଥୀଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୫ ଅକ୍ଟୋବର, ୨୦୧୯



## ସଂକ୍ଷେପରେ

### ବାସଗୃହ ଯୋଜନାରେ ଅନିୟମିତତା ଅଭିଯୋଗ

**କେନ୍ଦ୍ରାପଡା ଅଫିସ,୧୪।୧୦:** କେନ୍ଦ୍ରାପଡା ବ୍ଲକ ପୁରୁଷୋତ୍ତମପୁର ପଞ୍ଚାୟତରେ ବାସଗୃହ ଯୋଜନାରେ ଅନିୟମିତତା ହୋଇଛି । ଏନେଇ ପଞ୍ଚାୟତବାସୀ ଜିଲାପାଳଙ୍କୁ ତଦନ୍ତ ଆଦେଶ ଦେବା ପାଇଁ ସୋମବାର ଆବେଦନପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗକାରୀ ବ୍ରହ୍ମାନନ୍ଦ ମଲ୍ଲିକ କୁହନ୍ତି ଯେ, ହିତାଧିକାରୀ ଚୟନ ସମୟରେ ଏହି ଅନିୟମିତତା ହୋଇଥିବା ବେଳେ ଚାଳଘର ଜିଓ ଟ୍ୟାଗିଂ କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି । ଜିଓ ଟ୍ୟାଗିଂ ସମୟରେ ବହୁ ଅଯୋଗ୍ୟ ହିତାଧିକାରୀ ସାମିଲ ହୋଇ ଯାଉଛନ୍ତି । ଏହାର ତଦନ୍ତ ନ ହେଲେ ପ୍ରକୃତ ହିତାଧିକାରୀ ବାସଗୃହ ଯୋଜନାରୁ ବଞ୍ଚିତ ହୋଇଯିବେ । ପଞ୍ଚାୟତର ଆଦିକନ୍ଦ ମଲ୍ଲିକ, ସଂଯୁକ୍ତା ସାମଲ, ଗୀତା ମଲ୍ଲିକ, ରଶ୍ମି ମଲ୍ଲିକ, ସୁଲୋଚନା ମଲ୍ଲିକ, ସରସ୍ୱତୀ ମଲ୍ଲିକ, ଜୟନ୍ତୀ ମଲ୍ଲିକଙ୍କ ସମେତ ୨୦ରୁ ଅଧିକ ମହିଳା ପୁରୁଷ ଆଦେନପତ୍ର ଦାଖଲ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ ।

### ମା' ଧନଦାତ୍ରୀଙ୍କ ପୂଜା ପାଇଁ ଚାନ୍ଦୋଳ ବଜାର ଉତ୍ସବମୁଖର

ଡେରାବିଶ,୧୪।୧୦(ସ୍ୱପ୍ର)-ଡେରାବିଶ ବ୍ଲକ ଅଞ୍ଚଳରେ ମା' ଧନଦାତ୍ରୀଙ୍କ ପୂଜା ଗଣପର୍ବ ଭାବେ ପାଳିତ ହେଉଛି । ତେବେ କେନ୍ଦ୍ରାପଡ଼ା ଜିଲାର ପ୍ରମୁଖ ବଜାର ଭାବେ ପରିଚିତ ଚାନ୍ଦୋଳରେ ଏହି ପୂଜା ବହୁ ପ୍ରାଚୀନ । ୨୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ମା' ଧନଦାତ୍ରୀ ପୂଜା ପାଆନ୍ତି । ବର୍ଷକର ପ୍ରତୀକ୍ଷା ପରେ କେନ୍ଦ୍ରାପଡା ଜିଲା ସମେତ ପଡୋଶୀ କଟକ ଜିଲାର ସଂଲଗ୍ନ ଗ୍ରାମର ଲୋକେ ଚଳିତବର୍ଷ ଗଜଲକ୍ଷ୍ମୀ ପୂଜାର ମଜା ନେବା ପାଇଁ ହାତଛଡ଼ା କରିନାହାନ୍ତି । ଅନୁକୂଳ ପାଗ ପାଇଁ ସୋମବାର ପୂଜାର ଦ୍ୱିତୀୟ ସନ୍ଧ୍ୟାରେ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା । ତେବେ ପୂଜାମଣ୍ଡପର କର୍ମକର୍ତ୍ତାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ବଜାର କମିଟି ସଭାପତି ନିଶାମଣି ବେହେରା ସୂଚନା ଦେଇଛନ୍ତି । ଠୁଙ୍କାପୁରୀ, ଗୁପଚୁପ୍ , ଚାଟ୍, ଅନ୍ୟାନ୍ୟ ଫାଷ୍ଟ ଫୁଡ୍ ସାଙ୍ଗକୁ ଆଇସ୍‌କ୍ରିମ୍, ଘରକରଣା ସାମଗ୍ରୀ ଦୋକାନରେ ମହିଳାଙ୍କ ଗହଳି ପରିଲକ୍ଷିତ ହୋଇଛି । ଭିଡକୁ ଲକ୍ଷ୍ୟ କରି ସଦର ଥାନା ଓ ଚାନ୍ଦୋଳ ଫାଣ୍ଡି ପକ୍ଷରୁ ବ୍ୟାପକ ପୋଲିସ୍ ବ୍ୟବସ୍ଥା କରାଯାଇଛି । ବଜାର ମଧ ଦେଇ ଯାଇଥିବା କଟକ-ଚାନ୍ଦବାଲି ରାସ୍ତାରେ ଭାରୀଯାନ ଓ ଗାଡ଼ି ପାର୍କିଂ ଉପରେ କଟକଣା କରାଯାଇଥିବା ଫାଣ୍ଡି ଅଧିକାରୀ ସୁଦର୍ଶନ ସାହୁ ସୂଚନା ଦେଇଛନ୍ତି । ଏଥିସହିତ ଏକ ଅସ୍ଥାୟୀ ପୋଲିସ ଶିବିର ଖୋଲାଯାଇଥିବା ବେଳେ ସଦର ଥାନା ଅଧିକାରୀ ପ୍ରମୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ କେତେକ ବରିଷ୍ଠ ପୋଲିସ୍ ଅଧିକାରୀ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି । ନଅଦିନ ଧରି ହେବାକୁ ଥିବା ଏହି ପୂଜା ୨୧ ତାରିଖରେ ଶେଷ ହେବ ବୋଲି ବଜାର କମିଟି ସମ୍ପାଦକ ରତ୍ନାକର ନାୟକ ଓ ସହ ସମ୍ପାଦକ ମିହିର ସାମଲ ସୂଚନା ଦେଇଛନ୍ତି ।





**କେନ୍ଦ୍ରାପଡା ସହରରେ ଗଜଲକ୍ଷ୍ମୀ ପୂଜାର ଝଲକ:** ବଣିଆମାଳ

କଲେଜ ଛକ

ଦଣ୍ଡାମୁଣ୍ଡ ଛକ





ମ୍ୟୁନିସିପାଲିଟି କାର୍ଯ୍ୟାଳୟ

ଦୁହୁରିଆ ରେଳ ଲାଇନ

ଗରାପୁର

# ସବୁଠି ମା'ଙ୍କ ଆରାଧନା

**କେନ୍ଦ୍ରାପଡା ଅଫିସ,୧୪।୧୦**

କେନ୍ଦ୍ରାପଡା ଜିଲା ସାରା ଏବେ ଗଜଲକ୍ଷ୍ମୀ ପୂଜାର ମାହୋଲ । ବିଭିନ୍ନ ପୂଜା ମଣ୍ଡପରେ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରାଧନା ଚାଲିଛି । ଏବର୍ଷ ପୂଜା ଉପଲକ୍ଷେ କେନ୍ଦ୍ରାପଡା ସହର ମଧ୍ୟରେ ସୁଦୃଶ୍ୟ ତୋରଣ ସାଙ୍ଗକୁ ମଣ୍ଡପଗୁଡିକରେ ଆଖି ଝଲସା ଲାଇଟ ସାଜସଜ୍ଜା ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି । ରବିବାର ମଧରାତ୍ରୀ ସୁଦ୍ଧା ସହରର ସମସ୍ତ ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ସରିଛି । ତେବେ ସହର ମଧ୍ୟରେ ଚଳିତବର୍ଷ ୬ ଟି ଚାନ୍ଦିମେଢ ଶ୍ରଦ୍ଧାଳୁଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି । ମେଢ ସାରା ଚାନ୍ଦିର ସାଜସଜ୍ଜା ହୋଇଥିବା ବେଳେ ମା'ଙ୍କର କେତେକ ଆଭୂଷଣ ଚଳିତବର୍ଷ ସୁନାରେ ନିର୍ମିତ ହୋଇଛି । ଖଡିଅଙ୍ଗ, ମାଛ ମାର୍କେଟ, କାକଟମଙ୍ଗଳା, ସାନମଙ୍ଗଳା, ନୂଆ ବସଷ୍ଟାଣ୍ଡ, ଅଯୋଦ୍ଧାନଗର ମଣ୍ଡପରେ ସଂପୂର୍ଣ୍ଣ ଚାନ୍ଦିମେଢ ହୋଇଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ସ୍ଥାନରେ ସୁନା ଓ ଚାନ୍ଦି ଅଳଙ୍କାରର ଝଲକ ଦେଖିବାକୁ ମିଳିଛି । କୁହାଯାଏ ସହରର ମାରୁଓ୍ୱାଡି ପଟ୍ଟି (ପୁରୁଣା ବସଷ୍ଟାଣ୍ଡ) ପୂଜାର ପ୍ରାୟ ୧୬ ବର୍ଷ ପରେ ଖଡିଅଙ୍ଗ ପୀଠରେ ମାଆଙ୍କ ପୂଜାର୍ଚ୍ଚନା ଚାଲୁଛି । ଖଡିଅଙ୍ଗ ଗ୍ରାମବାସୀ ଏଠାରେ ପୂଜା ଆରମ୍ଭ କରିବା ସମୟରେ ତାଟି ମାରି ମଣ୍ଡପ ନିର୍ମାଣ ହୋଇଥିଲା । ସେତେବେଳେ ସନ୍ଧ୍ୟା ସମୟରେ ପେଟ୍ରୋମାକ୍ସ ଲାଇଟରେ ମାଆଙ୍କ ଦର୍ଶନ ଶ୍ରଦ୍ଧାଳୁ କରୁଥିଲେ । ଏଠାରେ ପାରମ୍ପରିକ ରୀତିନୀତିକୁ ପ୍ରାଧାନ୍ୟ ଦିଆଯାଇଥାଏ । ଚଳିତବର୍ଷ ସୁଦୃଶ୍ୟ ତୋରଣ ନ ଥିଲେ ମଧ୍ୟ ମାଆଙ୍କ ଚାନ୍ଦି ମେଢ଼ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି ।

#### ସେମାନେ ଯାହା କହନ୍ତି...

"ମା'ଙ୍କ ମେଢ ପାଇଁ ୨୦୧୬ ମସିହା ଶେଷ ସୁଦ୍ଧା ମୋଟ ୮୮ କିଲୋଗ୍ରାମର ଚାନ୍ଦି ବ୍ୟବହାର ହୋଇଥିଲା । ଚଳିତବର୍ଷ ଏହାର ପରିମାଣ ୧ କୁଇଣ୍ଟାଲକୁ ଟପିଛି । ପୂର୍ବବର୍ଷ ପରି ଭସାଣି ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜାକଜମକରେ ପାଳନ କରାଯିବ ।

**-ହିରଣ୍ୟକୁମାର ପଣ୍ଡା, ସମ୍ପାଦକ, ଖଡିଅଙ୍ଗ ପୂଜା କମିଟି**

"ଏବର୍ଷ ମୂର୍ତ୍ତି ନିର୍ମାଣରେ ଚମକ ଆଣିବା ପାଇଁ ବାହାର ରାଜ୍ୟରୁ କାରିଗର ଅଣାଯାଇଛି । ଏଥିସହ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ଉଦ୍ୟମ ଜାରି ରହିଛି । ତେବେ ପ୍ରତ୍ୟେକ ପୂଜାମଣ୍ଡପରେ ପାରମ୍ପରିକ ବିଧିବିଧାନକୁ ଗୁରୁତ୍ୱ ଦିଆଯାଇଛି ।

**- ନରେନ୍ଦ୍ର କୁମାର ସାହୁ, ସମ୍ପାଦକ, ମା' ବୁଢ଼ୀ ବାସୁଳେଇ ପୂଜା କମିଟି**

"ଜିଲାର ଗଣପର୍ବ ଗଜଲକ୍ଷ୍ମୀ ପୂଜା । ଚଳିତବର୍ଷ ସହରର ୬୭ଟି ମଣ୍ଡପରେ ପୂଜୋତ୍ସବ ଚାଲିଥିବା ବେଳେ ତୋରଣ ସାଜସଜ୍ଜା ଆକର୍ଷଣୀୟ ହୋଇଛି । ଏହାକୁ ଦେଖିବା ପାଇଁ ଗ୍ରାମାଞ୍ଚଳ ଓ ଜିଲା ବାହାର ଶ୍ରଦ୍ଧାଳୁ ସନ୍ଧ୍ୟାରେ ଆସୁଛନ୍ତି । ଆଗକୁ ଭିଡ ପ୍ରବଳ ହେବ । ପ୍ରଶାସନ ପକ୍ଷରୁ ବାହାର ଶ୍ରଦ୍ଧାଳୁଙ୍କ ରାତ୍ରୀଯାପନ ପାଇଁ ବ୍ୟବସ୍ଥା କରିଥିଲେ ଭଲ ହୋଇଥାନ୍ତା ।

**- ସୂର୍ଯ୍ୟକୁମାର ମିଶ୍ର, ସମ୍ପାଦକ, ଶିବଶକ୍ତି କ୍ଲବ, ମାଧପୁର**

"ସହରର ପବେଶ ପଥରୁ ଗଳି ରାସ୍ତାଗୁଡିକରେ ହୋଇଥିବା ମଣ୍ଡପରେ ମା'ଙ୍କ ପୂଜା ବିଧିବିଧାନରେ ଚାଲିଛି । ବିଦ୍ୟୁତ ଚାଳିତ ଆଖିଝଲସା ଗେଟ, ମେଢ଼ ସାଜସଜା ଏଥର ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବ । ପରିମଳ ବ୍ୟବସ୍ଥା ଅଦ୍ୟାବଧି ସୁଧୁରି ନାହିଁ । ରାସ୍ତାରୁ ବିଦ୍ୟୁତ ଖୁଣ୍ଟ ଉଠି ନ ଥିବାରୁ ଭସାଣି ସମୟରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କା ରହିଛି ।

**-କ୍ଷେତ୍ରବାସୀ ସାହୁ, ସଭାପତି, ଦୁହୁରିଆ ପୂଜା କମିଟି**

## ସଚିବଙ୍କ ଗସ୍ତ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଚଳଚଞ୍ଚଳ

**କେନ୍ଦ୍ରାପଡା ଅଫିସ, ୧୪।୧୦**

ରାଜ୍ୟ ସରକାରଙ୍କ ୫ ଟି ସଚିବ ଭି .କାର୍ତ୍ତିକେୟନ ପାଣ୍ଡିଆନ୍ ମଙ୍ଗଳବାର କେନ୍ଦ୍ରାପଡା ଜିଲା ଗସ୍ତ ପାଇଁ ସାମ୍ଭାବ୍ୟ ତାରିଖ ଘୋଷଣା କରାଯାଇଛି । ଏହି ଗସ୍ତରେ ସେ ଜିଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରି ରାଜ୍ୟ ସରକାରଙ୍କ ୫ ଟି କାର୍ଯ୍ୟକାରୀ ହେବା ନେଇ ତନଖି କରିବେ । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଶାସନିକ ତତ୍ପରତା ସୋମବାର ଦେଖିବାକୁ ମିଳିଥିଲା । ଜିଲାପାଳ ସମର୍ଥ ବର୍ମା ବିଭିନ୍ନ ୱାର୍ଡ ବୁଲି ରୋଗୀଙ୍କ ଭଲମନ୍ଦ ବୁଝିଛନ୍ତି । ନିରାମୟରୁ ଔଷଧ ଗ୍ରହଣ, ରୋଗର ନିର୍ଣ୍ଣୟ ପାଇଁ ବିଭିନ୍ନ ଟେଷ୍ଟ ଜିଲା ମୁଖ୍ୟ ଚିକିତ୍ସାଳୟରୁ ମିଳିଛି କି ନାହିଁ, ସେନେଇ ପଚାରି ବୁଝିଛନ୍ତି । ତେବେ ସଚିବଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଚିକିତ୍ସାଳୟର ନବୀକରଣ ପାଇଁ ନିଯୁକ୍ତ ଶ୍ରମିକଙ୍କ ସଂଖ୍ୟାକୁ ଦେଖି ବହୁ ବୁଦ୍ଧିଜୀବୀ ଆଲୋଚନା ଆରମ୍ଭ କରି ଦେଇଛନ୍ତି । ଗୋଟିଏ ଦିନରେ ୨୦୦ରୁ ଅଧିକ ଶ୍ରମିକ ଚିକିତ୍ସାଳୟ ପରିସରରେ ଟାଇଲ କାମ, ରଙ୍ଗ ଓ ପରିସର ସଫାସୁତରା କରିବାରେ ଲାଗିଛନ୍ତି । ସୁନ୍ଦରଗଡ ସିଡିଏମଓଙ୍କୁ ନିଲମ୍ବନ ଓ ଜିଲାପାଳଙ୍କୁ ଏ ସମ୍ପର୍କରେ କାରଣ ଦର୍ଶାଅ ନୋଟିସର ଏହା ସାଇଡ ଇଫେକ୍ଟ ବୋଲି ମତ ଦେଇଛନ୍ତି । ଅପରପକ୍ଷରେ ସିଡିଏମଓ ଡା. ଉର୍ମିଳା ମିଶ୍ର କହିଛନ୍ତି ଯେ, ଚିକିତ୍ସାଳୟର ନବୀକରଣ ପାଇଁ ଶ୍ରମିକଙ୍କୁ ନିଯୁକ୍ତି ଦିଆଯାଇଛି । ସଚିବଙ୍କ ଗସ୍ତକୁ ନେଇ ଏହି କାର୍ଯ୍ୟ ହେଉନାହିଁ ବୋଲି ସେ ପ୍ରକାଶ କରିଛନ୍ତି ।



କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟ ।

### ଗଛକଟାକୁ ନେଇ ସବର୍ଣ୍ଣ,ଦଳିତଙ୍କ ମଧରେ ବିବାଦ

## ଥାନା ଅଧିକାରୀ ନ ଶୁଣିବାରୁ ଅନ୍‌ଲାଇନ୍‌ରେ ଅଭିଯୋଗ

**ମାର୍ଶାଘାଇ,୧୪।୧୦(ଡି.ଏନ୍.ଏ.)**

ମାର୍ଶାଘାଇ ଥାନା ଦଶିପୁର ଗ୍ରାମରେ ଗାନ୍ଧୀ ଜୟନ୍ତୀରେ ବୃକ୍ଷ ରୋପଣକୁ କେନ୍ଦ୍ରକରି ଦଳିତ ଓ ସବର୍ଣ୍ଣ ସାହି ମଧରେ ବିବାଦ ସୃଷ୍ଟି ହୋଇଥିଲା । ମାତ୍ର ମାର୍ଶାଘାଇ ଥାନା ଅଧିକାରୀ ଅଭିଯୋଗ ନ ରଖିବାରୁ ଗତ ୧୦ ତାରିଖରେ ଅନ୍‌ଲାଇନରେ ଅଭିଯୋଗ ହୋଇଥିଲା । ଏହାପରେ ଗତ ୧୧ ତାରିଖରେ ମାର୍ଶାଘାଇ ଥାନାରେ ମାମଲା (ନଂ.୨୪୮/୧୯) ରୁଜୁ ହୋଇଛି । ସୂଚନାଯୋଗ୍ୟ, ଗାନ୍ଧୀ ଜୟନ୍ତୀରେ ବୃକ୍ଷ ରୋପଣ କରିବା ଉଦ୍ଦେଶ୍ୟରେ ଦଳିତ ସାହିର କିଛି ଲୋକ ରାସ୍ତା କଡ଼ରେ ଗଛ ଲଗାଇଥିଲେ । ମାତ୍ର ସବର୍ଣ୍ଣ ସାହିର ଜଣେ ବ୍ୟକ୍ତିଙ୍କ ନେତୃତ୍ୱରେ ୬ ଜଣ ମିଶି ମେଶିନ ଜରିଆରେ ରାସ୍ତା କଡ଼ରେ ଲାଗିଥିବା ୨ ଅମୃତଭଣ୍ଡା ଗଛ, ୨ ସଜନା ଗଛ, ୨ ଆମ୍ବ ଗଛ ୨ଟା, ୩ ପିଜୁଳି ଗଛ, ୫ କଦଳୀ ଗଛ, ୧ କାଗାଜି ଲେମ୍ବୁ, ଆକାଶି ଗଛ ଓ ଚାଖୁଣ୍ଡା ଗଛ ଆଦି କାଟି ଦେଇଥିବା ଅଭିଯୋଗ ହୋଇଥିଲା । ଏନେଇ ଉଭୟ ସାହି ମଧରେ ବିବାଦ ସୃଷ୍ଟି ହୋଇଛି । ଗଛ କଟାକୁ ବିରୋଧ କରି ଗତ ଅକ୍ଟୋବର ୨ ତାରିଖରେ ଦଶିପୁର ଗ୍ରାମର ଦିଲୀପ ମଳିକଙ୍କ ସ୍ତ୍ରୀ ଜୟନ୍ତୀ ମଳିକ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ମାତ୍ର ଥାନା ଅଧିକାରୀ ଅଭିଯୋଗ ଗ୍ରହଣ କରି ମାମଲା ରଫା ଦଫା କରିବାକୁ ଉଭୟ ପକ୍ଷଙ୍କୁ କହିଥିଲେ । ଥାନାରୁ ନିରାଶ ହେବାପରେ ଜୟନ୍ତୀ ରାଜ୍ୟ ସରକାର ଜାରି କରିଥିବା ୫ଟି ଟୋଲଫ୍ରି ନମ୍ବରରେ ଫୋନ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା । ଶେଷରେ ଅଭିଯୋଗକାରୀ ଉପରିସ୍ଥ ରାଜ୍ୟ ପୋଲିସ ଅଧିକାରୀଙ୍କ ନିକଟରେ ଅନଲାଇନ୍‌ରେ ଅଭିଯୋଗ କରିଥିଲେ । ଏହାପରେ ଥାନାରେ ମାମଲା ରୁଜୁ ହୋଇଛି । ଅପରପକ୍ଷେ ଥାନା ଅଧିକାରୀ କାଳନ୍ଦୀ ବେହେରା ଅଭିଯୋଗର ପତ୍ର ଗ୍ରହଣ କରି ନ ଥିବା ଘଟଣାକୁ ଖଣ୍ଡନ କରିଛନ୍ତି । ଏହି ମାମଲା ଏସ୍‌ଡିପିଓଙ୍କ ଅଧୀନରେ ରହିଛି ବୋଲି ସେ କହିଛନ୍ତି ।

### ବିଶ୍ୱ ଡାକସେବା ସପ୍ତାହ ପାଳନ

## ଆଉ ଦାଣ୍ଡରେ ଶୁଭୁନି ଚିଠି ଡାକ

**ରାଜନଗର,୧୪।୧୦(ଡି.ଏନ.ଏ.)**

ସମଗ୍ର ବିଶ୍ୱରେ ପ୍ରତିବର୍ଷ ଅକ୍ଟୋବର ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଡାକ ସପ୍ତାହ ପାଳିତ ହୋଇ ଆସୁଛି । ତେବେ ସାମାଜିକ ଗଣମାଧମ ସାଙ୍ଗକୁ ଟେଲିଫୋନର ବହୁଳ ବ୍ୟବହାର ଯୋଗୁ ଚିଠିପତ୍ରର ଆଦାନ ପ୍ରଦାନ ପ୍ରକ୍ରିୟା ଧୀରେ ଧୀରେ ଇତିହାସ ପୃଷ୍ଠା ହେବାକୁ ଯାଉଛି । ବିଶ୍ୱସ୍ତରରୁ ଆରମ୍ଭ କରି ଆମ ରାଷ୍ଟ୍ର ଭିତରେ ଡାକସେବା ସେତେଟା ଅଗ୍ରଗତି କରି ପାରୁନାହିଁ । ଦିନ ଥିଲା ନିପଟ ମଫସଲ ଠାରୁ ଆରମ୍ଭ କରି ସହରରେ ରହୁଥିବା ଲୋକେ ଜୀବନ ଜଞ୍ଜାଳ ଭିତରେ ବି ଦୂରରେ ରହୁଥିବା ବନ୍ଧୁବାନ୍ଧବ, ସାଙ୍ଗସାଥୀ , ପତିପତ୍ନୀଙ୍କ ସହ ସମ୍ପର୍କ ସ୍ଥାପନ ପାଇଁ ଚିଠି ଲେଖି ନିଜ ମନର ଭାବ ଓ ଖବର ଜଣାଉଥିଲେ । ଡାକସେବା ଏକମାତ୍ର ମାଧମ ଥିଲା । ସେଦିନ ଓ ଆଜି ଭିତରେ ଅନେକ ଫରକ ଛିଡ଼ା କରିଛି ପାଶ୍ଚାତ୍ୟ ସଭ୍ୟତାର ଡିଜିଟାଲ ଦୁନିଆ । ଆଉ ଗାଁ ଦାଣ୍ଡରେ ଶୁଭୁନି ଚିଠି ନିଅ ଚିଠି । ୫୦ ବର୍ଷ ତଳକୁ ଯଦି ଆଖି ଫେରାଇ ନେବା, ଆମେ ସେତେବେଳେ ଚିଠିଟିଏ ପାଇବା ପାଇଁ ଡାକବାଲା ବାଟକୁ ଚାହିଁ ବସିଥିଲୁ । ଡାକପିଅନ ମଧ ଖରା, ବର୍ଷା, ଶୀତକୁ ବେଖାତିର କରି ଲୋକଙ୍କ ପାଖରେ ଚିଠି, ମନିଅର୍ଡ଼ର ପ୍ରଭୃତି ପହଞ୍ଚାଇବାରେ ଟିକିଏ ବି କୁଣ୍ଠାବୋଧ କରି ନ ଥାନ୍ତି ।




୧୮୫୪ ପରଠୁ ଆମ ଦେଶରେ ଡାକଟିକେଟର ପ୍ରଚଳନ ହୋଇ ଆସୁଥିବା ବେଳେ ସେବେଠୁ ଏହି ସେବା ଚାଲିଆସୁଛି । ୧୯୨୬ ମସିହାରେ ଆମ ଦେଶରେ ଡାକଟିକେଟ, ଲଫାପା ଓ ପୋଷ୍ଟକାର୍ଡ଼ ଛପାଯାଇ ଏହାକୁ ତ୍ୱରାନ୍ୱିତ କରାଯାଇଛି । ଚିଠିକୁ ନେଇ ଗୀତ, କାହାଣୀ , ରମ୍ୟରଚନା କେତେ ଲେଖାଯାଇଛି । ହେଲେ ଏବେ ଚିଠି ଦେବାକୁ ଆଉ କାହାରି ଭିତରେ ଆଗ୍ରହ ନାହିଁ କି ସମୟ ନାହିଁ । ତାର ସ୍ଥାନ ମୋବାଇଲ ଓ ସାମାଜିକ ଗଣମାଧମ ନେଇ ସାରିଛି । ପଟ୍ଟାମୁଣ୍ଡାଇ ବ୍ଲକ ସଂସାରଫଳ ଗ୍ରାମରେ ଥିବା ଡାକଘରର ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ଭାଗୀରଥି ବିଶ୍ୱାଳ କୁହନ୍ତି ଯେ, ଦିନ ଥିଲା ଡାକଘର ଉପରେ ସାଧାରଣ ମଣିଷ ଯୋଗାଯୋଗ ପାଇଁ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲା । ଆମେ ମଧ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଲୋକଙ୍କ ପାଖରେ ଚିଠି, ମନିଅର୍ଡ଼ର ପଠାଇବା ପାଇଁ ଲାଗି ପଡୁଥିଲୁ । ଆଜି ତାହା ବିଲୁପ୍ତ ପ୍ରାୟ । ସେହି ପୋଷ୍ଟ ଅଫିସର ଅବସରପ୍ରାପ୍ତ ଡାକ ପିଅନ ମହେଶ୍ୱର ପ୍ରଧାନ କୁହନ୍ତି ଯେ, ବଡ଼ିଭୋର୍‌ରୁ ଉଠି ନିତ୍ୟକର୍ମ ସାରି ସାଇକେଲଟିଏ ଧରି ୧୦/୧୨ କିଲୋମିଟର ରାସ୍ତା ବୁଲି ବୁଲି ଗାଁ ଗାଁରେ ଲୋକଙ୍କୁ ଚିଠି ଓ ମନିଅର୍ଡର ଟଙ୍କା ଦେବାରେ ଆନନ୍ଦ ମିଳେ । ଲୋକଙ୍କ ଖୁସିରେ ନିଜ କଷ୍ଟ ଭୁଲି ହୋଇଯାଏ । ଆଜି ଡିଜିଟାଲ ଯୁଗରେ ଏହା ହଜିବାରେ ଲାଗିଛି । ରାଜନଗର ଉପଡାକଘର ପୋଷ୍ଟମାଷ୍ଟର ପ୍ରଶାନ୍ତ କୁମାର ରାଉତ କୁହନ୍ତି ବ୍ୟକ୍ତିଗତ ଚିଠିପତ୍ର କମିଥିଲେ ମଧ ବିଭିନ୍ନ ସରକାରୀ ଦପ୍ତରର ଚିଠିପତ୍ର, ବ୍ୟାଙ୍କ, ଏଲଆଇସି ସମ୍ପର୍କିତ ଚିଠିପତ୍ର କାରବାର ବଢ଼ିଛି ।

## ଆଳିରେ ଗଜଲକ୍ଷ୍ମୀ ପୂଜା

**ଆଳି ୧୪।୧୦(ଡି.ଏନ୍.ଏ.)**

କେନ୍ଦ୍ରପଡ଼ା ଜିଲାର ପ୍ରସିଦ୍ଧ ଗଣପର୍ବ ଗଜଲକ୍ଷ୍ମୀ ପୂଜା ରବିବାର ଠାରୁ ଆରମ୍ଭ ହୋଇଛି । ଏନେଇ ଆଳି ବ୍ଲକର ବିଭିନ୍ନ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି । ବଡାମ୍ବିଳା ପଞ୍ଚାୟତର ଦଶିପୁର ଠାରେ ଏହି ପୂଜା ଧୁମଧାମରେ ପାଳନ କରାଯାଉଛି । ଏହା ଆଳିର ସର୍ବ ପୁରାତନ ପୂଜା ଅନୁଷ୍ଠାନ ହୋଇଥିବା ବେଳେ ଗତ ୭୯ ବର୍ଷ ଧରି ଏଠାରେ ପୂଜା କରାଯାଉଛି ବୋଲି କମଟି ପକ୍ଷରୁ କୁହାଯାଇଛି । ଗତ ଶନିବାର ଶୁଭ ଅଧିବାସ ଓ କଳସ ଶୋଭାଯାତ୍ରା ପରେ ରବିବାର ଘଟ ସ୍ଥାପନ ଓ ଚକ୍ଷୁଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂଜାକୁ ଦଶିପୁର, କଳଦିଆ ଓ ବାଲିଅଡା ଗ୍ରାମବାସୀ ମିଳିତ ଭାବେ ପରିଚାଳନା କରୁଛନ୍ତି । ଏହି ପୂଜା ଦେଖିବା ନିମନ୍ତେ ଆଖପାଖ ଅଞ୍ଚଳରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି ।



ଦଶିପୁରା ମଣ୍ଡପରେ ମା'ଗଜଲକ୍ଷ୍ମୀଙ୍କ ପୂଜା ।

ଫନୀ ବାତ୍ୟାର କ୍ଷତିପୂରଣ ଦାବି

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

ପାଟକୁରା/ ପଟ୍ଟାମୁଣ୍ଡାଇ, ୧୪।୧୦(ସ୍ୱ.ପ୍ର./ ଡି.ଏନ୍.ଏ.)

ଫନୀ ବାତ୍ୟାରେ ଗରଦପୁର ଓ ପଟ୍ଟାମୁଣ୍ଡାଇ ବ୍ଲକରେ ବ୍ୟାପକ କ୍ଷତି ହୋଇଥିଲା। ଉଭୟ ବ୍ଲକରେ ବହୁ କଚ୍ଚା ଘର ଭାଙ୍ଗି ଯାଇଥିଲା। ମାତ୍ର ଏହାର କ୍ଷତିପୂରଣ ଅଦ୍ୟାବଧି ମିଳି ନ ଥିବାରୁ ଉଭୟ ବ୍ଲକରେ ଅସନ୍ତୋଷ ପ୍ରକାଶ ପାଇଛି। ଗରଦପୁର ବ୍ଲକରେ ଜିଲା ପରିଷଦ ସଦସ୍ୟ ସନ୍ତୋଷ ଜେନାଙ୍କ ନେତୃତ୍ୱରେ ବାତ୍ୟା ବିପନ୍ନମାନେ ସୋମବାର ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଖବରପାଇ ଅତିରିକ୍ତ ତହସିଲଦାର ଉମାକାନ୍ତ ବିଶ୍ୱାଳ ଧାରଣାସ୍ଥଳକୁ ଯାଇ ବିପନ୍ନମାନଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ସେମାନଙ୍କ ଭଙ୍ଗାଘର ଅନୁସନ୍ଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଧାରଣାରେ ଦୁର୍ଯ୍ୟୋଧନ ମଲିକ, ଅଜୟ କୁମାର ସ୍ୱାଇଁ, ବାନାମ୍ବର ମଛନ, ନାରାୟଣ ବେହେରା, ପବିତ୍ର ବରାଳ ଓ ରାମଚନ୍ଦ୍ର ସାହୁ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ୧୫ନଂ ୱାର୍ଡର ଅଳଭା ଗ୍ରାମରେ ଫନୀ ବାତ୍ୟାରେ ବହୁ ଚାଳଘର ଭାଙ୍ଗି ଯାଇଥିଲା। ଏନେଇ ବିପନ୍ନମାନେ ପୂର୍ବରୁ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ଭେଟି ଘରଭଙ୍ଗା ସାହାଯ୍ୟ ପ୍ରଦାନ କରିବାକୁ ଦାବି କରିଥିଲେ। ଏହାପରେ ତହସିଲଦାର ସଦର ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ତଦନ୍ତ କରିଥିଲେ । ତଦନ୍ତ ବେଳେ ତାଲିକାରେ ବହୁ ଗରିବ ଲୋକଙ୍କ ନାମ ନ ଥିବା ଜଣାପଡିଥିଲା। ମାତ୍ର ପରେ ଏନେଇ କୌଣସି ପଦକ୍ଷେପ ନିଆ ନ ଯିବାରୁ ସୋମବାର ପୁନର୍ବାର ବିପନ୍ନ ପରିବାରଗୁଡିକ ତହସିଲଦାର ଶରତ କୁମାର ଗିରିଙ୍କୁ ଭେଟି ତଦନ୍ତ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଅଳଭା ଗ୍ରାମର ସସ୍ମିତା ମହାନ୍ତି, ଶଶିକଳା ମାଝୀ, ଦିଅଭଳା ଗ୍ରାମର ସସ୍ମିତା ମହାନ୍ତି, ଶଶିକଳା ମାଝୀ, ଦିଲ୍ଲୀପ ଜେନା, ଅଶୋକ ପାତ୍ର, ଅଭୟ ପାତ୍ର, ଅଜୟ ପାତ୍ର, କପିଳ ଜେନା ଓ ମାନସ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଫନୀ ବାତ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକରେ ମୋଟ୍ ୫୨୦୦ ଘର ଭାଙ୍ଗି ଥିବା ନେଇ ଜିଲାପାଳଙ୍କୁ ରିପୋର୍ଟ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ଭାଙ୍ଗିଥିବା ଘରଗୁଡିକର ପୁନର୍ବାର ତଦନ୍ତ କରି ୪୪୨୦ଟି ଘର ଭାଙ୍ଗିଥିବା ନେଇ ଚୂଡାନ୍ତ ରିପୋର୍ଟ ପ୍ରଦାନ କରାଯାଇଛି ।




ସରକାରୀ ଯୋଜନାରେ ବ୍ୟାପକ ଅନିୟମିତତା

## ତଦନ୍ତ ଦାବିରେ ପଞ୍ଚାୟତବାସୀଙ୍କ ଧାରଣା

ରାଜକନିକା, ୧୪।୧୦(ଡି.ଏନ୍.ଏ)

ରାଜକନିକା ବ୍ଲକ ଅନ୍ତର୍ଗତ କୋରନ୍ଦ ପଞ୍ଚାୟତରେ ବିଭିନ୍ନ ସରକାରୀ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି କରି ସୋମବାର ପଞ୍ଚାୟତବାସୀଙ୍କ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି । ସେମାନଙ୍କ ଅଭିଯୋଗ ଅନୁଯାୟୀ, କୋରନ୍ଦା ପଞ୍ଚାୟତରେ ଆବାସ ଯୋଜନା ଓ ପାଇଖାନା ନିର୍ମାଣରେ ଅନେକ ଦୁର୍ନୀତି ହୋଇଛି। ପଞ୍ଚାୟତ ମଧ୍ୟରେ ଥିବା ଗିରିୟା ପୋଖରୀ ଖନନ କରାଯାଇ ୫ ଲକ୍ଷ ଟଙ୍କା ବିଲ ପ୍ରଦାନ କରାଯାଇଛି। ୨୦୦ ପାଇଖାନା ଜାଲ ଦର୍ଶାଇ ଟଙ୍କା ଲୁଟ କରାଯାଇଛି। ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ବଣ୍ଟନ କରାଯାଇଛି। ଏସବୁ ଅଭିଯୋଗର ତଦନ୍ତ ଦାବି କରି ପଞ୍ଚାୟତବାସୀ ଧାରଣାରେ ବସିଥିଲେ। ରିପୋର୍ଟ ଲେଖା ହେବା ବେଳକୁ ଧାରଣା ଜାରି ରହିଥିଲା। ଏହି ଧାରଣାକୁ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା,ବରିଷ୍ଠ ନେତା ବିକ୍ରମ ଦାସ, ମଙ୍ଗୁଳି ଚରଣ ବେହେରା, କୈଳାସ ତରାଇ ଓ ରଞ୍ଜନ ସେଠୀ ପ୍ରମୁଖ ସମର୍ଥନ ଜଣାଇଛନ୍ତି।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଅହଂକୁ ଯେତିକି ଦୁରରେ ରଖିବ ତୁମର ଜ୍ଞାନରେ ବା ଦର୍ଶନର ସୀମା ସେତିକି ବିସ୍ତାର ହେବ।

- ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ, ଜଣେ ଗୁରୁତର

ଯାଜପୁର ଟାଉନ,୧୪।୧୦(ଡିଏନଏ)- ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ହୋଇଯାଇଥିବାବେଳେ ଜଣେ ଗୁରୁତର ଅଛନ୍ତି। ଏଭଳି ଅଭାବନୀୟ ଦୁର୍ଘଟଣା ଘଟିଛି ଯାଜପୁର ଦଶରଥପୁର ବ୍ଲକ ଝୁମ୍ପୁରି ନିକଟରେ। ବରୀ ଥାନା ଅନ୍ତର୍ଗତ ଅଟିରା ପଞ୍ଚାୟତ ଓଉପଡା ଗ୍ରାମର ରାଜ କିଶୋର ପୃଷ୍ଟି। ଗତ ରବିବାର ରାତିରେ ବରୀ ରୁ ଝୁମ୍ପୁରି ଫେରୁଥିବା ସମୟରେ ପଛପଟୁ ଏକ ଅଜଣା ଗାଡି ଧକା ଦେବା ଫଳରେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଗୁରୁତର ଜଣକଙ୍କୁ ସ୍ଥାନୀୟଲୋକଙ୍କ ସହାୟତାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି। ମଙ୍ଗଳପୁର ପୋଲିସ ମୃତ ଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ କରୁଛି।

### ଗଠନ ହେବ ବିଜୁ ବରିଷ୍ଠ ନାଗରିକ ବିକାଶ ମଞ୍ଚ

ବରୀ,୧୪।୧୦(ସ୍ୱ.ପ୍ର)- ବରୀ ନିର୍ବାଚନ ମଣ୍ଡଳୀ ଅଧୀନ ରୁଦ୍ରପୁର ପଞ୍ଚାୟତର ବଡ଼ବାଗସାହି ୟୁଜିଏମ୍ଇ ସ୍କୁଲ୍ ପରିସରରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲାବେଳେ ମଧୁସୂଦନ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଖୁବ୍‌ଶୀଘ୍ର ବିଜୁ ବରିଷ୍ଠ ନାଗରିକ ବିକାଶ ମଞ୍ଚ ଗଠନ ହେବ ବୋଲି ବୈଠକରେ ମତପ୍ରକାଶ ପାଇଛି। ଏହି ବୈଠକରେ ୧୦୫ଜଣ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଏହାର ଆବାହକ ବରିଷ୍ଠ ନାଗରିକ ପ୍ରଭାତ ପାଣି ରହିଛନ୍ତି। ସରପଞ୍ଚ ପ୍ରତିମା ନାୟକ, ସମିତି ସଭ୍ୟ ପ୍ରଣତି ଆଚାର୍ଯ୍ୟ, ଯୁବନେତା ପ୍ରମୋଦ କୁମାର ନାୟକ, କରୁଣାକର ଆଚାର୍ଯ୍ୟ, କୁଳମଣୀ ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ବିକାଶ ମଞ୍ଚ ଗଠନ ହେବା ପାଇଁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ମତପ୍ରକାଶ କରିଥିଲେ।

### କୁମାର ଉତ୍ସବ ପାଇଁ ଧନତ୍ରୀରେ ବୈତରଣୀ ଆଳତି

ଯାଜପୁର ଟାଉନ,୧୪।୧୦(ଡିଏନଏ)- କୁମାର ଉତ୍ସବ ପାଇଁ ଧନତ୍ରୀ ଗ୍ରାମର କାଶି ବିଶ୍ୱନାଥ ମନ୍ଦିର ପରିସରରେ ବୈତରଣୀ ଆଳତି କରାଯାଇଛି। ଏହି ଅବସରରେ ଗଣକବି ବୈଷ୍ଣବ ପାଣିଙ୍କ ଜନ୍ମ ଦିବସରେ ତାଙ୍କ ଜୀବନୀ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଆରତୀରେ ସନ୍ଥ ବିଦ୍ୟାଭୂଷଣ ଗୌରଶ୍ୟାମାନନ୍ଦ ମହାରାଜ ବୈତରଣୀର ଉତ୍ପତ୍ତି ପ୍ରସଙ୍ଗରେ ଆଲୋଚନା କରିଥିଲେ। କୁମାର ଉତ୍ସବ ଦିନ ଧନତ୍ରୀ ହନୁମାନ ଘାଟରେ ବୈତରଣୀ ଆଳତି ଓ ନଦୀ ବନ୍ଦାପନା କରି ପୂଜାର୍ଚ୍ଚନା କରିଥିଲେ। ଏହି ଉତ୍ସବରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇ କୁମାର ଉତ୍ସବ ପାଳନ କରିଥିଲେ। ଏହି ଉତ୍ସବକୁ ଭରତ ଚନ୍ଦ୍ର ସାହୁ, କୀର୍ତ୍ତନ ସାହୁ ପରିଚାଳନା କରିଥିଲେ।

■ ଛତିଆ କଲେଜରେ ଅନିୟମିତତା ଅଭିଯୋଗ

# ସିବିଆଇ ତଦନ୍ତ ଦାବିରେ ଧାରଣା

ଚଣ୍ଡିଖୋଲ/ଛତିଆ, ୧୪।୧୦(ଡି.ଏନ୍.ଏ.)

ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ ଛତିଆରେ ଉନ୍ନୟନ କାର୍ଯ୍ୟ ନାମରେ ହୋଇଥିବା ବ୍ୟାପକ ଦୁର୍ନୀତି ଓ ଅନିୟମିତତାର ସିବିଆଇ ତଦନ୍ତ ଦାବି କରି ସୋମବାର ଛତିଆ ବଟର ମଣିମା ପ୍ରଦ୍ୟୁମ୍ନ ଦାସ ଓ ତାଙ୍କ ଭକ୍ତମାନେ ଧାରଣାରେ ବସିଥିଲେ। ଦର୍ପଣ ଅତିରିକ୍ତ ତହସିଲଦାର ରତ୍ନାକର ନାୟକ ଓ ବୈରୀ ଥାନାର ଭାରପ୍ରାପ୍ତ ନିରୀକ୍ଷକ ଜଗଦୀଶ କର ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ ପ୍ରତିଶ୍ରୁତି ଦେବାପରେ ଧାରଣାରୁ ଓହରି ଥିଲେ।

ସୂଚନା ଥାଉକି ଦୀର୍ଘ ଦିନ ଧରି ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆସ୍ଥିତ ମହାପୁରଷ ହାଡ଼ିଦାସ ମହାବିଦ୍ୟାଳୟରେ ଆସୁଥିବା ଉନ୍ନୟନ ମୂଳକ ଅର୍ଥ ହେରଫେର ହୋଇଥିବା ନେଇ ପୂର୍ବତନ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ଦାସ ଅଭିଯୋଗ କରିଥିଲେ। ଏପରି କି ଏହି ଅନିୟମିତାର ସିବିଆଇ ତଦନ୍ତ ଦାବି କରି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଚିଠିରେ ସେ ଦର୍ଶାଇଥିଲେ ଯେ, ୟୁଜିସି ଦ୍ୱାରା ପ୍ରଦତ୍ତ ଟଙ୍କା ଖର୍ଚ୍ଚ ନ କରାଯାଇ ବାଟମାରଣା କରାଯାଇଛି। ଉଚ୍ଚ ଶିକ୍ଷା ବିଭାଗର ନୀତି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ପୂର୍ବରୁ କଲେଜରେ ହୋଇଥିବା ରିଜୋଲ୍ୟୁଶନ କପି ଗୁଡ଼ିକୁ ବଦଳାଯାଇଛି। ନିଯୁକ୍ତି ଦେବାକୁ କଲେଜର କୌଣସି ଅଧିକାର ନ ଥିଲା ବେଳେ ବେଆଇନ ଭାବେ ନିଯୁକ୍ତି ଦିଆଯାଇ କଲେଜର ପଇସାକୁ ଖର୍ଚ୍ଚ କରାଯାଇଛି। ତାଙ୍କ ପିତା ସ୍ୱର୍ଗତ ରାମ ଚନ୍ଦ୍ର ଦାସ ୧୯୭୮ ମସିହାରେ ଏହି କଲେଜ ପ୍ରତିଷ୍ଠା କରିଥିଲା ବେଳେ ଏହାର ଖ୍ୟାତି ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଥିଲା। ଉକ୍ତ ଅଭିଯୋଗକୁ ଆଧାର କରି ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା. ୨୬୧/୦୬/୨୦୧୮ ଓ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପତ୍ର ସଂଖ୍ୟା ପିଏମ୍‌ଓପିସି/ଡି/୨୦୧୮/୦୧୩୫୪୬୭/୨୦୧୮ରେ ଏହି ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଆଦେଶ ପ୍ରଦାନ କରାଯାଇଥିଲା। ତେବେ ଏହା ଭିତରେ ଗୋଟିଏ ବର୍ଷ ବିତିଯାଇଥିଲେ ମଧ୍ୟ କଲେଜରେ ଚାଲିଥିବା ଅନିୟମିତତା ସଂକ୍ରାନ୍ତରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇ ନ ଥିବାରୁ ଏହାର ପ୍ରତିବାଦରେ ଓ ଘଟଣାର ସିବିଆଇ ତଦନ୍ତ ଦାବିରେ ଧାରଣାରେ ହଜାର ହଜାର ସମର୍ଥକ ଭକ୍ତଙ୍କ ଗହଣରେ ବସିଥିବା ପ୍ରକାଶ କରିଥିଲେ। ଦିନ ୧୦ଟାରୁ ଛତିଆ ବଟ ମନ୍ଦିର ପାଖରୁ ମୁହଁରେ ପଟିମାରି ଏକ ବିରାଟ ପଟୁଆରରେ ଧାରଣାକାରୀ ଭକ୍ତ ମାନେ ମଣିମାଙ୍କ ଗହଣରେ ଆସି କଲେଜ ଫାଟକ ପାଖରେ ଧାରଣା ଦେଇଥିଲେ। ଏହି ଧାରଣାରେ ଛତିଆର ପୂର୍ବତନ ସରପଞ୍ଚ ଭାସ୍କର ପ୍ରଧାନ ଯୋଗଦେଇଥିଲେ। ତେବେ ଅତିରିକ୍ତ ତହସିଲଦାର ନାୟକ ଧାରଣାକାରୀଙ୍କ ଠାରୁ ଅଭିଯୋଗ ପତ୍ର ଗ୍ରହଣ କରିବା ସହିତ ଏ ନେଇ ସେ ଜିଲାପାଳଙ୍କ ସହିତ ଆଲୋଚନା କରିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣାକାରୀମାନେ ଧାରଣା କାର୍ଯ୍ୟରୁ ନିବୃତ୍ତ ରହିଥିଲେ। ଏ ସମ୍ପର୍କରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ଦାସଙ୍କୁ ପଚାରିବାରେ ସେ କୁହନ୍ତି କଲେଜର ୟୁଜିସି ପଇସାରେ କୌଣସି ଅନିୟମିତତା ହୋଇନାହିଁ। ୧୯୯୭ରୁ ୨୦୧୯ ପର୍ଯ୍ୟନ୍ତ ଦୀର୍ଘ ୨୨ବର୍ଷ ଭିତରେ କଲେଜ ୨କୋଟି ୬୮ ଲକ୍ଷ ୭ ହଜାର ୩୨୫ ଟଙ୍କା ୟୁଜିସି ପଇସା ପାଇଥିବାବେଳେ ଏଥିରେ କାର୍ଯ୍ୟ ସମାପନ କରି ସାର୍ଟିଫିକେଟ ମିଳିଯାଇଛି ବୋଲି କହିଛନ୍ତି।



ଛତିଆ ବଟର ମଣିମା ଓ ତାଙ୍କ ଭକ୍ତମାନେ ଧାରଣାରେ ବସିଛନ୍ତି ।

■ ହୋମ୍‌ଗାର୍ଡଙ୍କୁ ଗାଳିଗୁଲଜ, ଧମକ ଦେବା ଘଟଣା

# ପାଲଟା ଅଭିଯୋଗ କଲେ ବିଜେଡି ନେତା

ବରୀ/ରତ୍ନଗିରି, ୧୪।୧୦(ସ୍ୱ.ପ୍ର/ଡିଏନଏ)

ବରୀରେ ହୋମଗାର୍ଡ ଓ ବିଜେଡି ନେତାଙ୍କ ବିବାଦ ତେଜିବାରେ ଲାଗିଛି। ଗତ ୯ ତାରିଖ ବରୀ ଥାନାର ଜଣେ ହୋମଗାର୍ଡଙ୍କୁ ଗାଳିଗୁଲଜ ଓ ଧମକ ଦେବା ଅଭିଯୋଗରେ ୩ ବିଜେଡି ନେତାଙ୍କ ବିରୋଧରେ ପୋଲିସ ଏକ ମାମଲା (୨୩୪/୧୯) ରୁଜୁ କରିଥିଲା। ଏହାର ଦୁଇ ଦିନ ପରେ ରବିବାର ହୋମଗାର୍ଡ ରଞ୍ଜନ ମଲିକଙ୍କ ବିରୋଧରେ ମଧ୍ୟ ପାଲଟା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଆଉ ଏକ ମାମଲା(୨୩୫/୧୬) ରୁଜୁ କରି ତଦନ୍ତ ଜାରି ରଖିଛି। ହୋମଗାର୍ଡଙ୍କ ବିରୋଧରେ ହୋଇଥିବା ଅଭିଯୋଗ ମୁତାବକ, ଗତ ୯ତାରିଖ ବରୀ ଥାନା ଅଭିମୁଖେ ବିଜେଡି ନେତା ଦେବେନ୍ଦ୍ର ଦାସ, ସନ୍ତୋଷ ସାମଲ, ଅଶୋକ ସାମଲ ଯାଉଥିଲାବେଳେ ହୋମଗାର୍ଡ ରଞ୍ଜନ ତାଙ୍କ ଗାଡ଼ିକୁ ତିନି ମୁହାଣି ପୋଲ ନିକଟରେ ଅଟକାଇଥିଲେ। ସନ୍ତୋଷଙ୍କୁ ହୋମ୍‌ଗାର୍ଡ଼ ଦଶହରା ଖର୍ଚ୍ଚ ପାଇଁ ଟଙ୍କା ମାଗିଥିଲେ। ସାମଲ ଟଙ୍କା ନ ଦେବାରୁ ହୋମଗାର୍ଡ ତାଙ୍କୁ ଗାଳିଗୁଲଜ କରିବା ସହିତ ତାଙ୍କ ପକେଟରୁ ୪ହଜାର ୧ଶହ ଟଙ୍କା ଝାମ୍ପି ନେଇଥିବା ନେଇ ସମ୍ପୃକ୍ତ ବିଜେଡି ନେତା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ତଦନ୍ତ ଜାରି ରଖିଥିବାବେଳେ ଏହି ଘଟଣାକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ରାଜନୀତି ସରଗରମ ହୋଇଉଠିଛି। ଭାଜପା ସିଧାସଳଖ ହୋମଗାର୍ଡ଼ଙ୍କୁ ସମର୍ଥନ ଜଣାଉଥିଲାବେଳେ ହୋମଗାର୍ଡଙ୍କ ବିରୋଧରେ ବିଜେଡି ନେତାଙ୍କ ପକ୍ଷରୁ ହୋଇଥିବା ଅଭିଯୋଗ ପରିସ୍ଥିତିକୁ ଜଟିଳ କରିଛି। ଏ ସଂକ୍ରାନ୍ତରେ ହୋମଗାର୍ଡ ରଞ୍ଜନ ମଲ୍ଲିକଙ୍କୁ ପଚାରିବାରୁ, ସେ ଯଦି ଟଙ୍କା ଛଡ଼ାଇଥିଲେ ତେବେ ଏ ସମ୍ପର୍କରେ ବିଜେଡି ନେତା ଘଟଣା ଦିନ କାହିଁକି ଅଭିଯୋଗ କରି ନ ଥିଲେ ବୋଲି ପ୍ରଶ୍ନ କରିଛନ୍ତି। ତାଙ୍କୁ ନ୍ୟାୟ ନ ମିଳିଲେ ସେ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

## କଲ୍ୟାଣପୁର ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା



ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଗ୍ରାମସଭା ।

ବିଞ୍ଝାରପୁର,୧୪।୧୦(ଡି.ଏନ୍.ଏ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତରେ ସୋମବାର ପୂର୍ବାହ୍ନରେ ସ୍ୱତନ୍ତ୍ର ଗ୍ରାମସଭା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଗଣତନ୍ତ୍ରରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ପାଇଁ କଲ୍ୟାଣପୁର ପଞ୍ଚାୟତର ଉନ୍ନତି ବିକାଶ ସମ୍ପର୍କରେ ଆଲୋଚନା ମାଧ୍ୟମରେ ଏହି ଗ୍ରାମ ସଭା ନବନିଯୁକ୍ତ ସରପଞ୍ଚ ଭାସ୍କର ଯେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଗ୍ରାମର ବିଭିନ୍ନ ଗଠନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇ ସବୁ ବର୍ଗର ଲୋକଙ୍କଠାରୁ ମତାମତ ନିଆଯାଇଥିଲା। ଏହି ଗ୍ରାମସଭାରେ ପିଇଓ ପ୍ରଶାନ୍ତ କର ସମିତିସଭ୍ୟ ରମେଶ ରାଉତ, ଶଙ୍କର୍ଷଣ ବାରିକ, ନିରଞ୍ଜନ ଦାସ, ପୂର୍ବତନ ସରପଞ୍ଚ କାଳୀପ୍ରସନ୍ନ ଦାସ, ରାଜୀବ ସାମଲ, ବ୍ରଜସୁନ୍ଦର ପଣ୍ଡା, ବିନୋଦ କାଣ୍ଡି, ଶରତ ସାମଲ, ରାମନାରାୟଣ ଦାସ, ଶଙ୍କର୍ଷଣ ସାମଲ, ଗିରୀଧାରୀ ଦାସ, ସ୍ୱାଧୀନ ଦାଶ, ରଞ୍ଜନ ବଳ, ସୁରେନ୍ଦ୍ର ଦାଶ, ଶୈଳନ୍ଦ୍ର ରାଉତ, ଜିତେନ୍ଦ୍ର ଦାସଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ଅନ୍ୟପକ୍ଷରେ ଅଧାରୁ ଅଧିକ ୱାର୍ଡ ସଭ୍ୟାସଭ୍ୟଙ୍କୁ ସାଙ୍ଗରେ ଧରି ପ୍ରଶାସନ ଦ୍ୱାରା ନିଲମ୍ବିତ ସରପଞ୍ଚ ସୁନିତା ନାୟକ ଏହି ଅନୁଷ୍ଠିତ ଗ୍ରାମସଭା ଓଡିଶା ଉଚ୍ଚନ୍ୟାୟାଳୟର ଆଦେଶକୁ ଅବମାନନା ବୋଲି ଜିଲାପାଳ ରଞ୍ଜନ କୁମାର ଦାସଙ୍କ ନିକଟରେ ଫେରାଦ ହୋଇଛନ୍ତି। ପ୍ରକାଶ ଥାଉକି ଗତ ମାସ ୨୭ରେ ପଞ୍ଚାୟତ ବୈଠକରେ ସରପଞ୍ଚ ସୁନିତା ନାୟକଙ୍କ ବଦଳରେ ସରପଞ୍ଚଙ୍କ ସ୍ୱାମୀ ମୁକ୍ତିକାନ୍ତ ସାମଲ ଅଧ୍ୟକ୍ଷତା କରିଥିବା ଅଭିଯୋଗ ପାଇବା ପରେ ଜିଲା ପ୍ରଶାସନ ନାୟକଙ୍କୁ ସରପଞ୍ଚ ପଦବୀରୁ ନିଲମ୍ବିତ କରିଥିଲା।

## ଆନ୍ତଃ ରାଜ୍ୟ ସିବିଏସ୍‌ଇ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

ଯାଜପୁର ରୋଡ,୧୪।୧୦(ନି.ପ୍ର)

ବ୍ୟାସନଗର ପବ୍ଲିକ ସ୍କୁଲରେ ଚାଲିଥିବା ଆନ୍ତଃରାଜ୍ୟ ସିବିଏସଇ କବାଡି ପ୍ରତିଯୋଗିତା ସୋମବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଓଡ଼ିଶା, ଛତିଶଗଡ଼ ଓ ପଶ୍ଚିମବଙ୍ଗ ୩ଟି ରାଜ୍ୟର ସିବିଏସ୍ଇ ବୋର୍ଡ ନିୟନ୍ତ୍ରଣାଧିନ ଇଂଲିଶ ମାଧ୍ୟମ ବିଦ୍ୟାଳୟସ୍ତରୀୟ ଭୁବନେଶ୍ୱର କ୍ଲଷ୍ଟର-୨ର ୩ଦିନ ବ୍ୟାପୀ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଅନ୍ତିମ ଦିବସରେ ୧୦ଟି ମ୍ୟାଚ୍ ଖେଳାଯାଇଥିଲା। ୧୭ବର୍ଷରୁ କମ ବର୍ଷ ବାଳିକା ବର୍ଗ, ୧୯ ବର୍ଷରୁ କମ ବାଳିକା ବର୍ଗ, ୧୭ ବର୍ଷରୁ କମ ବର୍ଷ ବାଳକ ବର୍ଗ ଓ ୧୯ ବର୍ଷରୁ କମ ବାଳକ ବର୍ଗ ମଧ୍ୟରେ ୪ଟି ଫାଇନାଲ ମ୍ୟାଚ୍ ଖେଳାଯାଇ ସେସବୁ ଗ୍ରୁପର ଚାମ୍ପିୟନ୍ ଓ ରନର୍ସ ଅପ୍ ଘୋଷଣା କରାଯାଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ବିଜୟୀ ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ୧୯ବର୍ଷରୁ କମ୍ ବର୍ଷ ବାଳକ ବର୍ଗ ଫାଇନାଲରେ ଛତିଶଗଡ଼ର ବାଲସୀର ସରାଇପଲ୍ଲୀସ୍ଥିତ ପ୍ରତିଭା ପବ୍ଲିକ ସ୍କୁଲ ଚାମ୍ପିୟନ୍ ହୋଇଥିବାବେଳେ ସେହି ରାଜ୍ୟର ବିଳାସପୁରସ୍ଥିତ କ୍ୟାରିୟର ପଏଣ୍ଟ ୱାର୍ଲ୍ଡ ସ୍କୁଲ ରନର୍ସ ଅପ୍ ବିବେଚିତ ହୋଇଛି। ଓଡ଼ିଶାର ବଡ଼ବିଲସ୍ଥିତ ଜିନ୍ଦଲ ସ୍କୁଲ ୩ୟ ସ୍ଥାନ ଅଧିକାର କରିଛି। ସେହିପରି ୧୯ବର୍ଷରୁ କମ ବର୍ଷ ବାଳିକା ବର୍ଗରେ ପଶ୍ଚିମବଙ୍ଗର ପଶ୍ଚିମ ବର୍ଦ୍ଧମାନ ଜିଲାର ପଦଭେଶ୍ୱର ଡିଏଭି ସ୍କୁଲ ଚାମ୍ପିୟନ୍ ହୋଇ ଟ୍ରଫି ଗ୍ରହଣ କରିଥିବାବେଳେ ଭୁବନେଶ୍ୱରର ବିକାଶ ରେସିଡେନସିଆଲ ରନର୍ସ ଅପ୍ କପ୍ ହାସଲ କରିଛି। ସମ୍ବଲପୁରର ସେଭେନ ହିଲ ରେସିଡେନସିଆଲ ୩ୟ ସ୍ଥାନରେ ସୀମିତ ରହିଥିଲା। ଛତିଶଗଡର ବିଳାସପୁରସ୍ଥିତ ଲଏଲା ସ୍କୁଲ ୧୭ବର୍ଷରୁ କମ୍ ବର୍ଷ ବାଳକ ବର୍ଗରେ ଚାମ୍ପିୟନ୍ ହୋଇଥିବାବେଳେ ବରଗଡସ୍ଥିତ ସଂସ୍କାର ଇଣ୍ଟରନ୍ୟାଶନାଲ ରନର୍ସ ଅପ୍ ଏବଂ ବରଗଡର ବିକାଶ ରେସିଡେନ୍‌ସିଆଲ ୩ୟ ସ୍ଥାନଅଧିକାରକରିଥିଲା। ପୁନଶ୍ଚ, ୧୭ବର୍ଷରୁ କମ୍ ବର୍ଷ ବାଳିକା ବର୍ଗର ଫାଇନାଲ ବିଜେତା ହୋଇଛି ଟିଙ୍ଗ୍‌ଲାଗଡର ଦାଦାଜୀ ମନ୍ଦିର ଟ୍ରଷ୍ଟ। ଛତିଶଗଡ଼ର ରାୟପୁରସ୍ଥିତ ଶିଭମ୍ ବିଦ୍ୟାପୀଠ। ଏହି ଗ୍ରୁପର ରନର୍ସ ଅପ କପ୍ ହାତେଇ ନେଇଥିବାବେଳେ ଛତିଶଗଡର ବିଳାସପୁରର ଏସଇସି ରେଲୱେ ଏଚ୍‌ଆର ସ୍କୁଲ ନଂ.୨ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ଉଦ୍‌ଯାପନୀ ଉତ୍ସବରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ମୁଖ୍ୟଅତିଥି, ଟାଟାଷ୍ଟିଲ, କଳିଙ୍ଗନଗରର ଜିଏମ ଆର.ଆର. ଶତପଥି, ଯାଜପୁର ରୋଡ ଆଦର୍ଶ ଥାନାଧିକାରୀ ଅନୀଲ କୁମାର ମହାନ୍ତି, ମନୋରମା ପବ୍ଲିକେଶନ ଡାଇରେକ୍ଟର ଦେବୀପ୍ରସନ୍ନ ମହାନ୍ତି, ଚନ୍ଦ୍ରଶେଖର ପଣ୍ଡା ଓ ବିବେକାନନ୍ଦ ମହାନ୍ତି, ଭିପିଏସ ସଭାପତି ଭାରତ ଭୂଷଣ ଦେଓ, ସମ୍ପାଦିକା ଦେବସ୍ମିତା ସାହୁ, ଟ୍ରଷ୍ଟି ଉଷାମଞ୍ଜରୀ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ ନାରାୟଣ ଚନ୍ଦ୍ର ରାଉଳ ଧନ୍ୟବାଦ ଦେଇଥିଲେ।

## ଅଶୋକ ଦାସ ଫାଉଣ୍ଡେଶନ ପକ୍ଷରୁ ରକ୍ତଦାନ ଶିବିର: ୫୨ ୟୁନିଟ ରକ୍ତ ସଂଗ୍ରହ

ଯାଜପୁର ଟାଉନ,୧୪।୧୦(ଡିଏନଏ)

ଅଶୋକ ଦାସ ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ଅମ୍ବିକା କଲ୍ୟାଣ ମଣ୍ଡପଠାରେ ଏକାଦଶତମ ସାପ୍ତାହିକ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ବ୍ଲକ ଜାହାନପୁର ପଞ୍ଚାୟତର ସରପଞ୍ଚ ସୁଧାଂଶୁ ଭୂଷଣ ଆଚାର୍ଯ୍ୟଙ୍କ ନେତୃତ୍ୱରେ ୫୨ଜଣ ସ୍ୱେଚ୍ଛାସେବୀ ଏହି ଶିବିରରେ ଯୋଗ ଦେଇଥିଲେ। ଶିବିରକୁ ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଓ ପ୍ରାକ୍ତନ ପୌରାଧ୍ୟକ୍ଷ ତଥା ଫାଉଣ୍ଡେଶନର ମୁଖ୍ୟ ସଂଯୋଜକ ଭବପ୍ରସାଦ ଦାସ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ରେଡକ୍ରସ ସମ୍ପାଦକ ତଥା ସହକାରୀ ଜିଲାପାଳ କୁଳମଣି ନାୟକ ମଧ୍ୟ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ସେହିଭଳି ଜିଲା ବିଜେଡି ଉପସଭାପତି ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ବିଜେଡି ସଙ୍ଗଠକ ଗଣେଶ ଚନ୍ଦ୍ର ମହାକୁଡ, ବ୍ଲକ ବିଜେଡି ସଭାପତି ପରେଶ ବିଶ୍ୱାଳ, ଯୁବନେତା ରମଣି ରଞ୍ଜନ ରାଉତରାୟ, ବ୍ୟାସଦେବ ରାଉତ, ସିଦ୍ଧାର୍ଥ ଶଙ୍କର ଦାସ, ଧର୍ମେନ୍ଦ୍ର ନାୟକ, ପଙ୍କଜ ଧଳ, ଚିତ୍ତରଞ୍ଜନ ବେହୁରିଆ, ମଳୟ ପଣ୍ଡା ପ୍ରମୁଖ ଶିବିର ପରିଚାଳନା କରିଥିବାବେଳେ ଫାଉଣ୍ଡେଶନର ସମ୍ପୃକ୍ତ ପଞ୍ଚାୟତ କର୍ମକର୍ତ୍ତା ଲକ୍ଷ୍ମୀନାରାୟଣ ପଣ୍ଡା, ଦେବତୋଷ ମହାନ୍ତି, ହୃଷିକେଶ ଦୋବେଇ ପ୍ରମୁଖ ସହଯୋଗ କରିଥିଲେ।

## ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦର ଆନ୍ଦୋଳନ ପାଇଁ ପ୍ରସ୍ତୁତି

ବରୀ,୧୪।୧୦(ସ୍ୱ.ପ୍ର)

ବରୀ ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦ ପକ୍ଷରୁ ବରୀ ତହସିଲ ସମ୍ମୁଖରେ ଆନ୍ଦୋଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ବରୀ ବାଗଦା ରମାଦେବୀ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି କୁଳମଣି ଶୁକ୍ଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୧୭ଦଫା ଦାବି ନେଇ ତହସିଲ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ସ୍ଥିର ହୋଇଛି। ବରୀକୁ ନିଶାମୁକ୍ତ କରିବା, ଶୀତଳଭଣ୍ଡାର, ଜଳ ନିଷ୍କାସନ, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ପରିବର୍ତ୍ତନ ଆଦି ଦାବି ନେଇ ବହୁବାର ରାଜ୍ୟ ସରକାର ଓ ଜିଲା ପ୍ରଶାସନକୁ ଅବଗତ କରାଯାଇଛି। ଏ ନେଇ ଆନ୍ଦୋଳନ ବି ହୋଇଛି। ପ୍ରଶାସନ ଏସବୁ ପୂରଣ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲାବେଳେ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ସେଥିପାଇଁ ପୁର୍ନବାର ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଛି। ବୈଠକରେ ଦୁର୍ଯ୍ୟୋଧନ ଶତପଥି, କାହ୍ନୁଚରଣ ବେହୁରା, ଗୟାଧର ଦାସ, ବନ୍ଦିତା ଦାସ, କାଞ୍ଚନବାଳା ଜ୍ୟୋତି, ରମାକାନ୍ତ ମଣ୍ଡଳ, ନଟବର ଜେନା ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

## ୬ ଫୁଟର ତମ୍ପ ସାପ ଉଦ୍ଧାର

କୋରେଇ,୧୪।୧୦(ସ୍ୱ.ପ୍ର):

ପାଣିକୋଇଲି ଥାନା ଷଠିପୁର ବଜାରର ପଦ୍ମଚରଣ ସାହୁଙ୍କ ଘରୁ ସୋମବାର ପୂର୍ବାହ୍ନରେ ଏକ ବିଷଧର ସାପ ଉଦ୍ଧାର କରାଯାଇଛି। ସାପଟି ୬ଫୁଟ ଲମ୍ବର ହୋଇଥିଲାବେଳେ ତାହା ତମ୍ପ ବୋଲି କୁହାଯାଉଛି। ଲୋକମାନେ ସାପଟିକୁ ତାଙ୍କ ଘରୁ ବାହାର କରିବାକୁ ଚେଷ୍ଟା କରିଥିଲେ ହେଁ ସମ୍ଭବ ନ ହେବାରୁ ଯାଜପୁର ରୋଡର ସ୍ନେକ ହେଲ୍ପଲାଇନର ରମାକାନ୍ତ ମହାନ୍ତଙ୍କୁ ଖବର ଦେଇଥିଲେ। ସେ କୌଶଳକ୍ରମେ ଘର ମଧ୍ୟରୁ ସାପଟିକୁ ଧରିବାକୁ ସକ୍ଷମ ହୋଇଥିଲେ। ପରେ ସାପଟିକୁ ନେଇ ମହାନ୍ତ ରଗଡି ନିକଟସ୍ଥ ବରାଙ୍ଗ ଜଙ୍ଗଲରେ ଛାଡ଼ି ଦେଇଥିଲେ।

■ ଫେକ୍ ଆଇଡି କରି ହିନ୍ଦୁ ଯୁବତୀଙ୍କୁ ସଂଖ୍ୟାଲଘୁ ଯୁବକ ଫସାଉଥିବା ଅଭିଯୋଗ

# ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର

କୋରେଇ,୧୪।୧୦(ସ୍ୱ.ପ୍ର)

ଯାଜପୁର ଜିଲାର ବିଭିନ୍ନସ୍ଥାନ ବିଶେଷ କରି ବରୀ ଅଞ୍ଚଳରେ ସଂଖ୍ୟାଲଘୁ ସମ୍ପ୍ରଦାୟର କେତେଜଣ ଯୁବକ ଫେସ୍‌ବୁକ୍‌ରେ ହିନ୍ଦୁ ଯୁବକ ନାମରେ ଫେକ୍ ଆଇଡି ଖୋଲି ହିନ୍ଦୁ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ସ୍ଥାପନ କରୁଥିବା ଓ ପରେ ସେମାନଙ୍କୁ ଅପହରଣ କରି ବ୍ଲାକମେଲିଂ କରୁଥିବା ଭଳି ଅପରାଧ ଉପରେ ରୋକ ଲଗାଇବାକୁ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ କୁହାଯାଇଛି ଯେ, ସଂଖ୍ୟାଲଘୁ ସମ୍ପ୍ରଦାୟର କେତେଜଣ ଯୁବକ ଫେସ୍‌ବୁକ୍‌ରେ ହିନ୍ଦୁ ଯୁବକ ନାମରେ ଫେକ୍ ଆଇଡି ଖୋଲି ହିନ୍ଦୁ ଯୁବତୀଙ୍କୁ ପ୍ରଲୋଭିତ କରିବା ପରେ ସେମାନଙ୍କୁ ଅପହରଣ କରି ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ଫଳରେ ବରୀ ଅଞ୍ଚଳ ଅଶାନ୍ତ ହେବା ସହିତ ସମଗ୍ର ଜିଲାରେ ସାମ୍ପ୍ରଦାୟିକ ସଦ୍‌ଭାବନା ନଷ୍ଟ ହେବାକୁ ଯାଉଛି। ଫଳରେ ଏହା ଉପରେ ରୋକ ନ ଲଗାଇଲେ ଏହା ଭୟଙ୍କର ରୂପ ଧାରଣ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ଏ ନେଇ ୨୦୧୮ଜୁନ ୧୯ରେ ବରୀ ଥାନାରେ ଏକ ମାମଲା (ନଂ.୮୪/୧୮) ରୁଜୁ କରାଯାଇ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଅଭିଯୁକ୍ତ ଅବଦୁଲ ଆଜିଫଙ୍କୁ ଗିରଫ କରିଥିଲା। ପରେ ଧର୍ମ ପରିବର୍ତ୍ତନ, ବାରମ୍ବାର ବଳତ୍କାର, ଭିଡିଓ ଓ ଫଟୋ ଭାଇରାଲର ଧମକ, ନିଶାଦେଇ ଅଚେତ କରାଇବା ଓ ବିକ୍ରି ପାଇଁ ୩୫ଲକ୍ଷ ଟଙ୍କା ଡିଲ ହୋଇଥିବା ଆଦିର ଗୁମର ଫିଟିଥିଲା। ଏବେ ପୁଣି ବର୍ଷକ ପରେ ବରୀ ମିଳିମିଳାପୁର ଅଞ୍ଚଳରେ ସେଭଳି ଘଟଣା ଆରମ୍ଭ ହୋଇଛି। ଏଥିରେ ବାହାର ରାଜ୍ୟର ଷଡଯନ୍ତ୍ରକାରୀମାନେ ସମ୍ପୃକ୍ତ ଥିବା ଅନୁସନ୍ଧାନରୁ ଜଣାପଡିଛି। ଫଳରେ ହିଂସା ସୃଷ୍ଟିକାରୀ ସମ୍ପୃକ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଦାବି କରାଯାଇଛି। ସଙ୍ଗଠନ ପକ୍ଷରୁ ଅକ୍ଷୟ କୁମାର ବଳ, ସମୀର କୁମାର ନାୟକ, ଅରବିନ୍ଦ ଦାସ, ଚକ୍ରଧର ମହାଳିକ, ବାଦଲ ନାୟକ, ଜ୍ୟୋତି ପ୍ରକାଶ ନାୟକ, ଜିଜ୍ଞାଶୁ ସାହୁ, ବିଜୟ କୁମାର ମିଶ୍ର, ମୃତ୍ୟୁଞ୍ଜୟ ପଟ୍ଟନାୟକ, କଳ୍ପତରୁ ପଣ୍ଡା ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସପି ଅକ୍ଷୟ କୁମାର ଦାସଙ୍କୁ ଦାବିପତ୍ର ଦେବା ସହ ସମସ୍ତ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ।



ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଅତିରିକ୍ତ ଏସପିଙ୍କୁ ଦାବିପତ୍ର ଦିଆଯାଉଛି ।

■ ବୁଦ୍ଧିଜୀବୀଙ୍କ ସହ ଜିଲା ପ୍ରଶାସନର ବୈଠକ

# ସହର ସମସ୍ୟା ସମାଧାନ ପାଇଁ ମିଳିଲା ପ୍ରତିଶ୍ରୁତି

ଯାଜପୁର ରୋଡ,୧୪।୧୦(ନି.ପ୍ର)

ବ୍ୟାସନଗର ପୌର ପରିଷଦର ରାସ୍ତାଘାଟଠାରୁ ଆରମ୍ଭ କରି ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ଯାଜପୁର ରୋଡ ସିଭିଲ୍ ସୋସାଇଟି ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହିତ କଳିଙ୍ଗନଗର ଅତିରିକ୍ତ ଜିଲାପାଳ (ଏଡିଏମ୍) ଆଲୋଚନା କରଛନ୍ତି। ସୋମବାର ଅପରାହ୍ନରେ ସ୍ଥାନୀୟ କେଏନ୍‌ଡିଏ କଲ୍ୟାଣ ମଣ୍ଡପରେ ଜିଲା ପ୍ରଶାସନ ଓ ବିଭିନ୍ନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଯୋଗଦେଇ ଏହାର ସମାଧାନ ପାଇଁ ସିଭିଲ୍ ସୋସାଇଟି ସହ ଆଲୋଚନା କରିଥିଲେ। ବୈଠକରେ ଏଡିଏମ ସନ୍ତୋଷ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ସିଭିଲ୍ ସୋସାଇଟିର ଆବାହକ ଆଇନଜୀବୀ ବିବେକାନନ୍ଦ ମହାନ୍ତି ସହରର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଚୋରଦା ବାଇପାସକୁ ମଡେଲ ରୋଡରେ ପରିଣତ କରି ଅସମ୍ପୂର୍ଣ୍ଣ ହୋଇପଡିଥିବା ରାସ୍ତା ପ୍ରଶସ୍ତୀକରଣ ଓ ଡ୍ରେନ୍ ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ଦାବି କରାଯାଇଥିଲା। ସମଗ୍ର ସହରରେ ଏଲ୍‌ଇଡି ଲାଇଟ୍ କାଳୀପୂଜା ପୂର୍ବରୁ ସଂଯୋଗ କରିବା, ପ୍ରତ୍ୟେକ ରାଜସ୍ୱ ଗ୍ରାମର ନାମର ସାଇନ୍ ବୋର୍ଡ ମାରିବା, ରାସ୍ତାରେ ହମ୍ପଗୁଡିକରେ ଧଳା ରଙ୍ଗର ଚିହ୍ନ, ଜେବ୍ରା କ୍ରସିଂ ମାର୍କିଂ, ମିଲିଟାରୀ ଛକଠାରୁ ଫାୟାର ଷ୍ଟେଶନ୍ ପର୍ଯ୍ୟନ୍ତ ରାସ୍ତାକାର୍ଯ୍ୟକୁ ତ୍ୱରାନ୍ୱିତ ଓ ଷ୍ଟାଡିୟମ୍ ରୋଡକୁ ମରାମତି କରିବା, ପରିମଳ ବ୍ୟବସ୍ଥା ସୁଧାରିବା, ସଂସ୍କୃତି ଭବନକୁ ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବା, ଚୋରଦା ଓ ନହକା ଛକଠାରେ ନିର୍ମାଣ ହେଉଥିବା ଭେଣ୍ଡିଂ ଜୋନ୍‌କୁ ସମ୍ପୂର୍ଣ୍ଣ କରିବା ସହିତ ଉଠା ଦୋକାନୀଙ୍କୁ ସେଠାରେ ଥଇଥାନ କରିବା ପ୍ରଭୃତି ଆଲୋଚନା ହୋଇଥିଲା। ବ୍ୟାସ ସରୋବର, ବ୍ୟାସଦେବ ଷ୍ଟାଡିୟମ, ସହରରେ ଉତ୍କଳ ଗୌରବ ମଧୁସୁଦନଙ୍କ ପ୍ରତିମୂର୍ତ୍ତୀ ନିର୍ମାଣ କରିବା, ଗୋପବନ୍ଧୁ ଛକଠାରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାକୁ ଗୋପବନ୍ଧୁଙ୍କ ନାମରେ ନାମିତ କରିବା, ସହରକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ପ୍ରଭୃତି ସମ୍ପର୍କରେ ସରଗରମ ଆଲୋଚନା ହୋଇଥିଲା। ସହରରେ ଥିବା ପୂର୍ତ୍ତ ବିଭାଗ ରାସ୍ତା ନିମ୍ନମାନର ହୋଇଥିବାରୁ ପୂର୍ତ୍ତ ବିଭାଗ ଉପରେ ସହରବାସୀ ବର୍ଷିଥିଲେ। ଯୋକଡିଆ ପ୍ରକଳ୍ପ ୧୫ଦିନ ମଧ୍ୟରେ ସହରରେ ପାଣି ଯୋଗାଇବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗର ସହାୟକ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଚୋରଦା ବାଇପାସ୍‌ଠାରୁ ଦଳା ବାଇପାସ୍ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ଓ ଡ୍ରେନ୍ ନିର୍ମାଣ ଡିସେମ୍ବର ୩୧ସୁଦ୍ଧା ସମ୍ପୂର୍ଣ୍ଣ କରାଯିବା ସହିତ ମିଲିଟାରୀ ଛକଠାରୁ ଫାୟାର ଷ୍ଟେଶନ୍ ରାସ୍ତା ନିର୍ମାଣ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ ବୋଲି ପୂର୍ତ୍ତ ବିଭାଗର ଏସ୍‌ଡିଓ ମନୋଜ ମହାପାତ୍ର ଦୃଢ ପ୍ରତିଶ୍ରୁତି ଦେଇଥିଲେ। ଚୋରଦାରୁ ଡୁବୁରୀ ରାସ୍ତା ପାର୍ଶ୍ୱରେ ଥିବା ବହୁ ରାଜନୀତି ଓ ମୁଷ୍ଟିମେୟ ଲୋକ ପୂର୍ତ୍ତବିଭାଗ ରାସ୍ତାକୁ ଅବରୋଧ କରିଛନ୍ତି। ତୁରନ୍ତ ପୂର୍ତ୍ତବିଭାଗ ତହସିଲଦାର ମାପଚୁପ କରି ସେମାନଙ୍କ ଘର ହଟାଇବା ପାଇଁ ଲୋକେ ଦାବି କରିଥିଲେ। ତାହା ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ଅତିରିକ୍ତ ଜିଲାପାଳ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ପାର୍ଶ୍ୱରେ ବସିଥିବା ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଇ ସେମାନଙ୍କୁ ଭେଣ୍ଡିଂଜୋନ୍‌ରେ ଥଇଥାନ କରିବା ପାଇଁ ବୈଠକରେ ନିଷ୍ପତି ହୋଇଛି। ବୈଠକରେ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ବ୍ୟାସନଗର ତହସିଲଦାର ନିରନ ବେହେରା, ବିଦ୍ୟୁତ୍ ବିଭାଗର ତପନ କୁମାର ବେହେରା, ପୌର ପରିଷଦ ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା, ପୂର୍ତ୍ତ ବିଭାଗର ଏସ୍‌ଡିଓ ମନୋଜ ମହାପାତ୍ର, ଜନସ୍ୱାସ୍ଥ୍ୟ ବିଭାଗର ଅରୁଣ କୁମାର ସାହୁ, ମେଡିକାଲ ଅଫିସର ଏସ୍.କେ. ପୃଷ୍ଟି, ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା, ଚିନ୍ତାମଣି ପାଢୀ, ଗୌରୀ ଶଙ୍କର ଷଡଙ୍ଗୀ, ଜୟନ୍ତୀ ଜେନା, ଶିଶିର କୁମାର ରାଉତ, ରାଜେଶ ରାଉତ, ହୃଷିକେଶ ସାହୁ, ଚନ୍ଦ୍ରମଣି ସାମଲ, ସଂଘମିତ୍ରା ଜେନା, ଅଭିଳାଷ ବୋଇତାଇ, ପବିତ୍ର ରଞ୍ଜନ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୫ ଅକ୍ଟୋବର, ୨୦୧୯



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିକୁ ବିପଦରୂପକ ଶସ୍ୟ କାଟିବାକୁ ପଡିଥାଏ।
- ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ

### ଅଜଣା ରୋଗରେ ବହୁ ବାଛୁରି ଆକ୍ରାନ୍ତ

**ଚଣ୍ଡିଖୋଲ,୧୪।୧୦(ଡ଼ି.ଏନ.ଏ):** ବଡଚଣା ବ୍ଲକ ଅନ୍ତର୍ଗତ ବନ୍ତଳା ଗ୍ରାମରେ ଅଜଣା ରୋଗରେ ବହୁ ବାଛୁରି ଆକ୍ରାନ୍ତ ହେବା ସହ ୩/୪ଟି ବାଛୁରୀ ମୃତ୍ୟୁ ମୁଖରେ ପଡ଼ିଲେଣି। ଅଜଣା ରୋଗରେ ଆକ୍ରାନ୍ତ ହୋଇ ବାଛୁରୀଙ୍କ ଏପରି ଅବସ୍ଥା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୫/୬ ମାସରୁ କମ୍ ବୟସର ବାଛୁରିଙ୍କ ଦେହରେ ପ୍ରଥମେ କିଛି ଫୁଟୁକା ହେଉଛି। କିଛି ଦିନପରେ ବାଛୁରିର ଅବସ୍ଥା ଅତି ଜଟିଳ ହୋଇପଡୁଛି, ଯାହାଫଳରେ ବାଛୁରୀ ମୃତ୍ୟୁ ମୁଖରେ ପଡଛନ୍ତି। ଏଥିପ୍ରତି ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି।

### ୧୧ ଦିନ ଚାଲିବ ବାଲିଚନ୍ଦ୍ରପୁରର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା

**ଚଣ୍ଡିଖୋଲ/ ବାଲିଚନ୍ଦ୍ରପୁର, ୧୪।୧୦(ଡ଼ି.ଏନ.ଏ):** ଦୀର୍ଘ ୬୦ବର୍ଷ ତଳୁ ଆରମ୍ଭ ହୋଇଥିବା ବାଲିଚନ୍ଦ୍ରପୁରର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ରବିବାର ଠାରୁ ବଜାର ଝଲସୁଛି। ଚଳିତ ବର୍ଷ ବାଲିଚନ୍ଦ୍ରପୁର ବଜାର ସମେତ ଆଖପାଖ ଅଞ୍ଚଳରେ ୩୦ରୁ ଉର୍ଦ୍ଧ୍ୱ ମେଢ ହୋଇଛି। ଏହି ମେଢ ଯୋଗୁ ଧୀରେ ଧୀରେ ସୋମବାରଠାରୁ ଜନ ଗହଳି ବୃଦ୍ଧି ପାଇଛି। ବାଲିଚନ୍ଦ୍ରପୁର ବଜାରରେ ୧୦ଟି ମେଢ ହୋଇଥିବାବେଳେ ବାଲିଚନ୍ଦ୍ରପୁର ଗ୍ରାମ, ପତରାଜପୁର, କୁସୁପୁର, ନାନପୁର, ଆମ୍ବସୌରୀ, ନଳୀପୁର ଆଦି ଆକର୍ଷଣୀୟ ମେଢ ବେଶ ଶୋଭା ପାଉଛି। ତେବେ ଏହି ପୂଜା ୧୧ ଦିନ ଧରି ଚାଲିବ ବୋଲି ପୂଜା କମିଟିର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

### ଖଣ୍ଡହତା ଗ୍ରାମରେ ପ୍ରଥମ ବର୍ଷର ଲକ୍ଷ୍ମୀପୂଜା

**ଯାଜପୁର ଅଫିସ,୧୪।୧୦:** ଧନଦାତ୍ରୀ ମା' ଲକ୍ଷ୍ମୀଙ୍କ ପୂଜନୋତ୍ସବ ଯାଜପୁର ଜିଲାର ପ୍ରାୟ ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ସମାରୋହରେ ପାଳିତ ହେଉଛି। ତେବେ ଦାନଗଦୀ ବ୍ଲକ ଅନ୍ତର୍ଗତ ଖଣ୍ଡହତା ଗ୍ରାମରେ ପ୍ରଥମ କରି ଲକ୍ଷ୍ମୀପୂଜା ଧୂମଧାମରେ ପାଳନ କରାଯାଉଛି। ଏଥିରେ ନରେଶ ସାମଲ ଦମ୍ପତି କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି। ଆଶିଷ ରାଉତ, ପ୍ରଦୀପ ରାଉତ, ଦୀପକ ଦାସ, ମୁନା ବେହେରା, ନରେଶ ସାମଲ ଓ ପୂର୍ଣ୍ଣଚନ୍ଦ୍ର ସାମଲ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ବଟକୃଷ୍ଣ ପାଣିଗ୍ରାହୀ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି।

## ରାହାଡ଼ପୁର ପାହାଡ଼ରେ ବେଆଇନ ଖନନ ମାମଲା

# ୧୭ରେ ଜିଲାପାଳଙ୍କ କୋର୍ଟରେ ଶୁଣାଣି

**ଯାଜପୁର ଅଫିସ,୧୪।୧୦**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧିନସ୍ଥ ରାହାଡ଼ପୁର ଦକ୍ଷିଣ ପାର୍ଶ୍ୱରେ ଚାଲିଥିବା ବେଆଇନ କଳାପଥର ଖନନ ଉପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଛି। ହାଇକୋର୍ଟ ଗତ ଅଗଷ୍ଟ ୬ତାରିଖରେ ଏହି ମାମଲାର ଶୁଣାଣି କରି ଆସନ୍ତା ୬ ସପ୍ତାହ ମଧ୍ୟରେ ଫଏସଲା କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଇତିମଧ୍ୟରେ ନିର୍ଦ୍ଦଶକୁ ୧୦ସପ୍ତାହ ପୁରି ଯାଇଥିଲେ ସୁଦ୍ଧା ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ପାରିନାହିଁ। ତେବେ ଆସନ୍ତା ୧୭ତାରିଖରେ ଜିଲାପାଳଙ୍କ କୋର୍ଟରେ ସର୍ବେଶ୍ୱର ବେହୁରିଆ ହାଇକୋର୍ଟରେ କରିଥିବା ମାମଲା ନଂ ୩୦୬୫/୨୦୧୮ ଏବଂ ରଞ୍ଜନ କୁମାର ଜେନା କରିଥିବା ମାମଲା ନଂ.୧୭୧୭୪/୨୦୧୮ ସଂକ୍ରାନ୍ତରେ ଶୁଣାଣି କରିବାକୁ ନିଷ୍ପତ୍ତି ନିଆଯାଇଛି । ଉଭୟ ମାମଲାର ଆବେଦନକାରୀଙ୍କ ସମେତ ଧର୍ମଶାଳା ତହସିଲଦାର, ଯାଜପୁର ଜଳସେଚନ ଡିଭିଜନର ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବଡ଼ଚଣା ସବ୍‌ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ, ତରଞ୍ଜିଆ ଗ୍ରାମର କଳାପଥର ବ୍ୟବସାୟୀ ନାରାୟଣ ରାଉତ ଓ ନିରଞ୍ଜନ ରାଉତଙ୍କୁ ଶୁଣାଣିରେ ଉପସ୍ଥିତ ରହିବାକୁ ଜିଲାପାଳ ମିସ୍ କେଶ ନମ୍ବର ୩୯/୨୦୧୯ ଓ ୧୬/୨୦୧୯, ୪୩/୨୦୧୯ରେ ନିର୍ଦ୍ଦେଶ ଦେଇଛନ୍ତି। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଫଏସଲା ନ କରି ଜିଲା ପ୍ରଶାସନର ବିଳମ୍ବିତ ପଦକ୍ଷେପକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ ଯେ, ଯାଜପୁର ଜିଲା ଧର୍ମଶାଳା ବ୍ଲକ ମହିଶରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରାଣୀବନ୍ଧ ଓ ପାଇକରାପୁର କ୍ଷୁଦ୍ରଜଳସେଚନ ପ୍ରକଳ୍ପ (ଏମ୍‌ଆଇପି) ରାହାଡ଼ପୁର ପାହାଡ଼ରେ ଥିବା ବିଭିନ୍ନ ବେଆଇନ କ୍ରଶର ଓ ପଥର ଖାଦାନ ଯୋଗୁ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଥିଲା । ଏସଂକ୍ରାନ୍ତରେ ଧରିତ୍ରୀରେ ସବିଶେଷ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ନେଇ ସାମାଜିକ କର୍ମୀ ବେହୁରା ୨୦୧୮ ଫେବୃୟାରୀରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ଏହି ମାମଲାରେ ବିଶେଷକରି ରାହାଡ଼ପୁର ପଥର ଖାଦାନ ଯୋଗୁ ପ୍ରଭାବିତ ରାଣୀବନ୍ଧ ଓ ପାଇକରାପୁର କ୍ଷୁଦ୍ରଜଳସେଚନ ପ୍ରକଳ୍ପକୁ ଗୁରୁତ୍ୱ ଦେଇଥିଲେ। ଏହାସହ ସେଠାରେ



■ହାଇକୋର୍ଟ ନିର୍ଦ୍ଦେଶକୁ ଉପେକ୍ଷା

■୬ସପ୍ତାହ ପରିବର୍ତ୍ତେ ୧୦ ସପ୍ତାହ ପରେ ପଦକ୍ଷେପ

ଏକ ଅତ୍ୟାଧୁନିକ କ୍ରଶର ନିର୍ମାଣ ସହ ଜଳସେଚନ ପ୍ରକଳ୍ପ ଗର୍ଭରେ ରାସ୍ତା ଏବଂ ମିନିଷ୍ଟ୍ରି ଅଫ୍ ଏନଭାଇରନ୍‌ମେଣ୍ଟ ଆଣ୍ଡ ଫରେଷ୍ଟ(ଏମ୍‌ଓଇଏଫ), ଓଡିଶା ମାଇନର ମିନେରାଲ୍ସ କନ୍‌ସେସ୍‌ନ (ଓଏମଏମସି) ଧାରା ଉଲ୍ଲଂଘନ ସମେତ ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ଆଇନର ବିରୋଧାଭାସ ହେଉଥିବା ଦର୍ଶାଇଥିଲେ। ପରିବେଶ ଆଇନ ଓ ଅନୁମତି ନ ନେଇ ସେଠାରେ ୧୦ରୁ ଉର୍ଦ୍ଧ୍ୱ ପଥର ଖାଦାନ ଚାଲିଛି। ତେଣୁ ଏକ ଯୁଗ୍ମ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଥିଲେ। ପ୍ରାୟ ୧୫ ଜଣ ପଥର ବ୍ୟବସାୟୀଙ୍କୁ ଲିଜ୍ ପ୍ରଦାନ କରାଯାଇଥିଲେ ହେଁ ନିର୍ଦ୍ଧାରିତ ପରିମାଣଠାରୁ ବହୁ ଅଧିକ ଗୁଣରେ ରାହାଡ଼ପୁର ପାହାଡ଼ରୁ କଳାପଥର ଉତ୍ତୋଳନ କରାଯାଉଛି। ତେବେ ଏନେଇ ଅଭିଯୋଗ ହେବା ପରେ ପ୍ରଶାସନ ପକ୍ଷରୁ ୬, ୮ ଓ ୧୦ ନମ୍ବର ସଇରାତରେ ୧୪୪ ଧାରା ଜାରି ହୋଇଛି । ହେଲେ ଏହି ୧୪୪ ଧାରା ନାମକୁ ମାତ୍ର ବୋଲି କୁହାଯାଉଛି । ଏଥିଯୋଗୁ ଜଳସେଚନ, ଜନବସତି, ଛାତ୍ରୀଛାତ୍ର, ପରିବେଶ ଇତ୍ୟାଦି ବିଶେଷ ଭାବେ ପ୍ରଭାବିତ ହେଉଛି । ଜଳସେଚନ ସମ୍ବଳ ଥିଲେ ସୁଦ୍ଧା ସଂପୃକ୍ତ ଚାଷୀ ବିଭିନ୍ନ ସମୟରେ ମରୁଡିର ସମ୍ମୁଖୀନ ହୋଇଛନ୍ତି । ଏଭଳି ଅନେକ ସମସ୍ୟା ଉପରେ ଗ୍ରାମବାସୀଙ୍କ ସ୍ମାରକପତ୍ରକୁ ଆଧାର କରି ଆବେଦନକାରୀ ବେହୁରା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ତେବେ ଏହି ସମ୍ବେଦନଶୀଳ ଘଟଣାକୁ ପ୍ରଶାସନ ଉପେକ୍ଷା କରିବା ସହିତ କେତେକ ପଥର ବ୍ୟବସାୟୀଙ୍କ ସହିତ ସଲାସୁତୁରା କରି ବ୍ୟାପକ ଅର୍ଥ ରୋଜଗାର କରିବାର ମସୁଧା ଚଳାଇଛନ୍ତି ବୋଲି ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି ଜିଲାପାଳଙ୍କ କୋର୍ଟରେ ଏହି ମାମଲା ଫଏସଲା ହେବାର ସମ୍ଭାବନା ରହିଛି। ପୂର୍ବରୁ ନୋଟିସ ହୋଇଥିଲେ ହେଁ ଉଭୟ ପକ୍ଷ ଉପସ୍ଥିତ ହୋଇ ନ ଥିଲେ । ତେବେ ଜିଲାପାଳଙ୍କ ଶୁଣାଣି ଅନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଣ୍ଡା କହିଛନ୍ତି।

## ଅନ୍ନଦାତ୍ରୀଙ୍କ ଆଗମନରେ ବିଞ୍ଝାରପୁର ଉତ୍ସବମୁଖର

**ବିଞ୍ଝାରପୁର,୧୪।୧୦(ଡି.ଏନ୍.ଏ.)**

ଅନ୍ନଦାତ୍ରୀ ମା' ଲକ୍ଷ୍ମୀଙ୍କ ଆଗମନରେ ବିଞ୍ଝାରପୁର ଉତ୍ସବମୁଖର ହୋଇ ଉଠିଛି। ମାଁସଡା ଗ୍ରାମ ପଞ୍ଚାୟତର ରସିକ ଛକରେ ମା' ଲକ୍ଷ୍ମୀ ପୂଜା ପୂର୍ବ ବର୍ଷ ପରି ଏବର୍ଷ ମଧ୍ୟ ବହୁ ଜାକଜମକରେ ଆରମ୍ଭ ହୋଇଛି। ରବିବାର ସନ୍ଧ୍ୟାରେ ଭକ୍ତମାନେ ସ୍ଥାନୀୟ ଖରସ୍ରୋତା ନଦୀରୁ ଜଳ ସଂଗ୍ରହ କରି କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପରେ ପହଁଚି ଥିଲେ। ସୋମବାର ବ୍ରାହ୍ମ ମୁହୁର୍ତ୍ତରୁ ଶୋଡ଼ଷ ଉପଚାର ସହ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ମଣ୍ଡପରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସମାରୋହ ୭ଦିନ ବ୍ୟାପି ଚାଲିବ ବୋଲି ଆବାହକ ରଞ୍ଜନ କୁମାର ଯେନା ସୂଚନା ଦେଇଛନ୍ତି। ସେହିପରି ଏହି ପଞ୍ଚାୟତର ମାସଁଡା ବାଲିସାହିର ଗ୍ରାମର ଯୁବକଙ୍କ ଦ୍ୱାରା ପ୍ରତି ବର୍ଷ ପରି ଚଳିତ ବର୍ଷ ବେଶ୍ ଧୂମଧାମ୍‌ରେ ଲକ୍ଷ୍ମୀ ପୂଜା ପାଳନ କରାଯାଉଛି। ଏହି ଅବସରରେ ପୂଜା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ରଘୁନାଥ ଦାସ ସୂଚନା ଦେଇଛନ୍ତି। ସେହିପରି ଅରେଇ, ବିଞ୍ଝାରପୁର, ପ୍ରୀତିପୁର, ବରପଦା, ଚିକଣା, ଉତ୍ତଙ୍ଗରା, ବାଛୋଳ, ସିଂହପୁର ଆଦି ବିଭିନ୍ନ ଅଞ୍ଚଳରେ ଲକ୍ଷ୍ମୀ ପୂଜା ବେଶ୍ ଧୂମଧାମରେ ପାଳନ କରାଯାଉଛି।

## ଟିପ୍ପର ଚଢ଼ାଇ ଯୁବକଙ୍କୁ ହତ୍ୟା ଘଟଣା

# ମୃତକ ପରିବାରକୁ ସହାୟତା ଦାବି କଲେ ସ୍ଥାନୀୟ ଲୋକେ

**ଧର୍ମଶାଳା/ ଜେନାପୁର,୧୪।୧୦(ଡିଏନଏ)**

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ତଳଗଡ଼ ପଞ୍ଚାୟତ ପଥୁରିଆସାହି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ରବିବାର ଟିପ୍ପର ଗାଡ଼ି ଚଢ଼ାଇ ପ୍ରଦୀପ ମଳିକ(୪୨)ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଟିପ୍ପର ଡ୍ରାଇଭର ଶ୍ରୀଧର ମଳିକଙ୍କ ଗିରଫ ଏବଂ ମୃତକଙ୍କ ପରିବାରକୁ ସହାୟତା ଦାବି କରି ସ୍ଥାନୀୟ ଲୋକେ ସୋମବାର ୫୩ନମ୍ବର ଜାତୀୟ ରାଜପଥ ବଳରାମପୁର ଛକଠାରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ କଳିଙ୍ଗନଗର ଅତିରିକ୍ତ ଏସ୍‌ପି ରାଜକିଶୋର ଦୋରା ଧର୍ମଶାଳା ତହସିଲ୍‌ଦାର ସରୋଜ କୁମାର ପଣ୍ଡା, ଜେନାପୁର ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ଲୋକଙ୍କୁ ବୁଝାଶୁଝା କରିବା ପରେ ଦୀର୍ଘ ୫ଘଣ୍ଟା ପରେ ରାସ୍ତାରୋକୋ ହଟିଥିଲା। ରେଡକ୍ରସ୍ ପାଣ୍ଠିରୁ ତୁରନ୍ତ ୧୦ହଜାର ଟଙ୍କା ପ୍ରଦାନ କରାଯିବା ସହ ମୃତକଙ୍କ ପରିବାରକୁ ଯଥାଶୀଘ୍ର ଥଇଥାନ ପାଇଁ ପ୍ରତିଶ୍ରୁତି ମିଳିଥିଲା। ଏପରି କି ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଥିଲା।



ବଳରାମପୁର ଛକରେ ରାସ୍ତା ଅବରୋଧକାରୀଙ୍କୁ ପୋଲିସ ବୁଝାଶୁଝା କରୁଛି।

ସୂଚନାଯୋଗ୍ୟ ତଳଗଡ଼ ଗ୍ରାମର ପ୍ରଦୀପ ଓ ସେହି ଗ୍ରାମର ଟିପ୍ପର ଡ୍ରାଇଭର ଶ୍ରୀଧରଙ୍କ ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ଥିଲା। ରବିବାର ମଧ୍ୟାହ୍ନରେ ପ୍ରଦୀପ ଘରୁ ବାହାରି ଗାଁ ରାସ୍ତାରେ ଯାଉଥିବାବେଳେ ଶ୍ରୀଧର ଚଳାଉଥିବା ଓଆର୦୯-ଜି-୧୬୫୩ ନମ୍ବର ଟିପ୍ପର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ପ୍ରଦୀପଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରଠୁ ଡ୍ରାଇଭର ଶ୍ରୀଧର ଫେରାର ହୋଇଯାଇଛନ୍ତି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତ କରାଯିବା ପରେ ସ୍ଥାନୀୟ ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ଟିପ୍ପରକୁ ଜବତ କରିବା ସହ ଏକ ମାମଲା(ନଂ.୨୪୦/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ

## ୮୬ ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ

**ଯାଜପୁର ଅଫିସ,୧୪।୧୦**

ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଛି। ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୁଣାଣିରେ ମୋଟ ୧୪୧ ଗୋଟି ଅଭିଯୋଗ ମଧ୍ୟରୁ ୧୧୨ଗୋଟି ବ୍ୟକ୍ତିଗତ, ୦୪ ଗୋଟି ସାମୁହିକ ଆବେଦନ ପତ୍ର ମିଳିଥିଲା। ରେଡକ୍ରସ ସହାୟତା ପାଇଁ ୨ଗୋଟି ଆବେଦନର ବିଚାର କରି ଚିକିତ୍ସା ସହାୟତା ପାଇଁ ୩ ହଜାର ଟଙ୍କା ଦିଆଯାଇଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୩ ଗୋଟି ଆବେଦନ ପତ୍ରର ଶୁଣାଣି କରି ୨ ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଶିବିରରେ ତତ୍‌କ୍ଷଣାତ୍ ୮୬ଗୋଟି ଅଭିଯୋଗର ସମାଧାନ କରାଯାଇଥିଲା। ଆସନ୍ତା ୨୧ତାରିଖରେ ବ୍ୟାସନଗର ପୌରପାଳିକା କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର, ୨୮ ତାରିଖରେ ସୁକିନ୍ଦା ବ୍ଲକ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଓ କୃଷି ସମାଧାନ ଶିବିର ଅନୁଷ୍ଠିତ ହେବ ବୋଲି ଜିଲା ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ପ୍ରକାଶ। ଏହି ଶିବିରରେ ଜିଲା ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ପ୍ରଜ୍ଞା ହୋତା ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

### ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

## ଯାଜପୁର ଜିଲାରେ ମା' ଗଜଲକ୍ଷ୍ମୀଙ୍କ ପୂଜା



ବିଞ୍ଝାରପୁର ବାଲିସାହି



ବାରିକସାହି



ଖଣ୍ଡହତା ଗ୍ରାମ



ମାଁସଡ଼ା



ମାଁସଡ଼ା ପଞ୍ଚାୟତର ରସିକ ଛକ ପୂଜା ମଣ୍ଡପ।



ସାନବଜାର



ମୁଖ୍ୟ ଗଜଲକ୍ଷ୍ମୀ ବଜାର



ବ୍ୟାଙ୍କ ରୋଡ଼

## ସଂକ୍ଷେପରେ

### ମନ୍ଦିରରେ ହବିଷିଆଳିଙ୍କ ଭିଡ଼



ଖଣ୍ଡପଡ଼ା,୧୪।୧୦(ସ୍ୱ.ପ୍ର): ସୋମବାରଠାରୁ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ଦେବଦେବୀ ମନ୍ଦିର ସମେତ ଜଗନ୍ନାଥ ସଂସ୍କୃତିର ଆଦି ପୀଠ କଣ୍ଟିଲୋ ନୀଳମାଧବ ଜୀଉଙ୍କ ମନ୍ଦିରରେ କାର୍ତ୍ତିକ ବ୍ରତ ନୀତି ଆରମ୍ଭ ହୋଇଛି। ଏଥିପାଇଁ ପ୍ରତ୍ୟହ ସକାଳୁ ଶ୍ରୀ ଜୀଉଙ୍କ ମନ୍ଦିରରେ ଶ୍ରଦ୍ଧାଳୁ ଓ ହବିଷିଆଳିଙ୍କ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଛି। କାର୍ତ୍ତିକ ମାସ ପାଇଁ ଠାକୁରଙ୍କ ସ୍ୱତନ୍ତ୍ର ନୀତି ହେଉଛି। ଏହି ଅବସରରେ ଶ୍ରୀ ନୀଳମାଧବ ଜୀଉଙ୍କ ଦାମୋଦର ବେଶ ଅନୁଷ୍ଠିତ ହେଉଛି। କାର୍ତ୍ତିକ ବ୍ରତ ସହିତ ଠାକୁରଙ୍କ ଏହି ବେଶ ୧ମାସ ପର୍ଯ୍ୟନ୍ତ କରାଯିବ। ଶ୍ରୀ ଜୀଉଙ୍କ ଅବକାଶ ନୀତି ପରେ ଶ୍ରୀଜୀଉ ଦାମୋଦର ବେଶ ହୋଇଥାନ୍ତି। ବେଶ ପରେ ମନ୍ଦିର ରୋଷ ହୋମ,ସୂର୍ଯ୍ୟ ପୂଜା,ଦ୍ୱାରପାଳ ପୂଜା ପରେ ସକାଳ ଧୂପ ଓ ଅନ୍ୟାନ୍ୟ ପାରମ୍ପରିକ ନୀତି ଅନୁଷ୍ଠିତ ହେଉଛି। ହବିଷିଆଳିମାନେ ମାସ ସାରା କାର୍ତ୍ତିକ ବ୍ରତ ପାଳନ କରୁଥିବାରୁ ପ୍ରତିଦିନ ସେମାନେ ନୀଳମାଧବ ଜୀଉ ଓ ବିଭିନ୍ନ ଶୈବ ପୀଠରେ ପୂଜାର୍ଚ୍ଚନା କରୁଥିବା ଲକ୍ଷ୍ୟ କରାଯାଉଛି।

### ୫ ଶାଳ ଲଗ ଜବତ



ଖଣ୍ଡପଡା,୧୪।୧୦(ସ୍ୱ.ପ୍ର.): ଖଣ୍ଡପଡା ବନାଞ୍ଚଳ ଅଧୀନ ଶିଖରପୁର ସଂରକ୍ଷିତ ଜଙ୍ଗଲରୁ କାଠ ମାଫିଆମାନେ ଦିନ ଦ୍ୱିପ୍ରହରରେ ଅବାଧରେ ଶାଳ ଗଛଗୁଡିକୁ କାଟି ଆଖପାଖ ଅଞ୍ଚଳକୁ ଚୋରା ଚାଲାଣ କରୁଛନ୍ତି। ବହୁ ବାର ଅଭିଯୋଗ ହୋଇ ଆସୁଥିଲା। କୌଣସି ସୂତ୍ରରୁ ଖବର ପାଇ ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ବନପାଳ ଶ୍ରୀନିବାସ ଦାଶ, ଶୀନିବାସ ମହାପାତ୍ର ପ୍ରମୁଖ ସଦଳବଳ ସୋମବାର ଚଢାଉ କରି ହରିହର ପ୍ରସାଦ ଗ୍ରାମର ନନ୍ଦନ ବନ ଫାର୍ମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ମଧରେ କଟା ହୋଇ ପଡିଥିବା ୫ ଶାଳ ଲଗ ଜବତ କରିଛନ୍ତି। କେହି କାଠ ମାଫିଆ ଆଖପାଖ ଅଞ୍ଚଳକୁ ଚୋରାରେ ଚାଲାଣ ନିମନ୍ତେ ସଂରକ୍ଷିତ ଜଙ୍ଗଲରୁ ଗଜା ଶାଳ ଗଛଗୁଡିକୁ କାଟି ଜଙ୍ଗଲ ମଧରେ ତାଳପତ୍ର ଘୋଡାଇ ରଖିଥିବା ଅନୁମାନ କରାଯାଉଛି। ଜବତ କାଠର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । କାଠ ମାଫିଆଙ୍କ ସମ୍ପର୍କରେ ବନ ବିଭାଗ କର୍ମଚାରୀମାନେ କୌଣସି ଟେର ପାଇ ପାରି ନ ଥିବା ଜଣା ପଡିଛି। ଜବତ ଶାଳ ଲଗ୍‌ଗୁଡିକୁ ଖଣ୍ଡପଡା ବନ ବିଭାଗ ବିଟ୍ ହାଉସକୁ ପଠାଇଦିଆ ଯାଇଛି।

### ୫ଫୁଟ୍ ଲମ୍ବର ଅହିରାଜ ଉଦ୍ଧାର



ଖଣ୍ଡପଡା,୧୪।୧୦(ସ୍ୱ.ପ୍ର.): ଖଣ୍ଡପଡା ବ୍ଲକ ଅଧୀନ ଶାଳଝରିଆ ପଞ୍ଚାୟତ କୁଞ୍ଜବିହାରୀପୁର ଗ୍ରାମର ଧନେଶ୍ୱର ପଣ୍ଡାଙ୍କ ଘରୁ ଏକ ୫ଫୁଟ ଲମ୍ବର ଅହିରାଜ ସାପ ଉଦ୍ଧାର କରାଯାଇଛି। ସାପଟି ରବିବାର ରାତିରେ ଘରେ ପଶିଯାଇଥିଲା। ଘର ମଧରୁ ସାପ ବାହାର କରିବା ଲାଗି ସ୍ଥାନୀୟ ବାସିନ୍ଦାଙ୍କୁ ନାକେଦମ ହେବାକୁ ପଡିଥିଲା। ଖବର ପାଇ ବନ ବିଭାଗ କର୍ମଚାରୀମାନେ ସ୍ନେକ ହେଲପ ଲାଇନ ସଦସ୍ୟଙ୍କ ସହ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଖଳିସାହି ପଞ୍ଚାୟତ ଅଧୀନ କୋଟପୋଖରୀ ଗ୍ରାମର ସ୍ନେକ ହେଲପ ଲାଇନ ସଦସ୍ୟ ଗୋଲଖ ବିହାରୀ ପରିଡା ସାପଟିକୁ ଘର ମଧ୍ୟରୁ ଉଦ୍ଧାର କରିବା ପରେ ନିକଟସ୍ଥ ଘଞ୍ଚ ଜଙ୍ଗଲ ମଧ୍ୟରେ ଅକ୍ଷତ ଅବସ୍ଥାରେ ଛାଡି ଦେଇଥିବା ଜଣାପଡିଛି ।

## କାଜୁ ଜଙ୍ଗଲ ଜଗାରଖା କରି ଜୀବିକା ନିର୍ବାହ କରୁଥିଲେ

# ନିଲାମ ଛଡ଼ାଇନେଲା ମଞ୍ଜି ତୋଳା ଅଧିକାର

### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ୩୦ ଆଦିବାସୀ ପରିବାର ସଦସ୍ୟ

ନୟାଗଡ଼ ଅଫିସ,୧୪।୧୦

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କୋମଣ୍ଡ ପଞ୍ଚାୟତ ନୋତରପଲ୍ଲୀ ଗ୍ରାମବାସୀ ଦୀର୍ଘବର୍ଷ ଧରି ଜଗାରଖା କରିଆସୁଥିବା କାଜୁ ଜଙ୍ଗଲ ନିଲାମ ହୋଇଯିବା ଫଳରେ ବର୍ଷେ ହେଲା ଆଦିବାସୀ ପରିବାର ମଞ୍ଜି ତୋଳିବା ଅଧିକାରରୁ ବଞ୍ଚିତ ହୋଇଛନ୍ତି। ଫଳରେ ଜୀବିକା ନିର୍ବାହ କରିବା ସେମାନଙ୍କ ପାଇଁ କାଠିକର ପାଠ ହୋଇଛି। ଏହାର ସମାଧାନ ପାଇଁ ସୋମବାର ଗ୍ରାମର ୩୦ ଆଦିବାସୀ ପରିବାରର ଶତାଧିକ ମହିଳାପୁରୁଷ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ନୋତରପଲ୍ଲୀ ଗ୍ରାମବାସୀ।

ନୋତରପଲ୍ଲୀ ଗ୍ରାମର ଗୟଳ ସିଂ ବିକାଶ ପରିଷଦର ସମ୍ପାଦକ ପ୍ରକାଶ ଜାନିଙ୍କ ସୂଚନା ଅନୁସାରେ, ୧୯୯୦-୯୧ ମସିହାରେ ନୋତରପଲ୍ଲୀ ଗ୍ରାମକୁ କେତେଜଣ ସରକାରୀ କର୍ମଚାରୀ ଯାଇ ସେଠାରେ ପଡ଼ିଆ ପଡ଼ିଥିବା ୫୯ ଏକର ୭୫ ଡେସିମିଲ ଜମିରେ କାଜୁ ଲଗାଇଥିଲେ। କାଜୁ ଜଙ୍ଗଲକୁ ରକ୍ଷଣାବେକ୍ଷଣ କରିବା ପାଇଁ ସେମାନେ ଗ୍ରାମବାସୀଙ୍କୁ କହିବା ସହିତ ୩ ବର୍ଷ ଜଗିସାରିଲା ପରେ ମଞ୍ଜି ତୋଳିବାକୁ କହିଥିଲେ। ପରେ ଗ୍ରାମର ଲୋକମାନେ କାଜୁ ଜଙ୍ଗଲ ଜଗିବା ସହିତ ନିକଟରେ ଖାଲିପଡ଼ିଥିବା ଜାଗାରେ ମଧ କାଜୁ ଗଛ ଲଗାଇଥିଲେ। ବର୍ଷ ବର୍ଷ ଧରି ସେମାନେ ଜଗାରଖା କରି କାଜୁ ମଞ୍ଜି ବିକ୍ରି କରି ଗୁଜୁରାଣ ମେଣ୍ଟାଉଥିଲେ। ଏପରିସ୍ଥଳେ ୨୦୦୯ ମସିହାରେ ବାହାର ଲୋକ ଆସି କାଜୁ ମଞ୍ଜି ତୋଳିଥିଲେ। ଗ୍ରାମବାସୀ ପଚାରିବାରୁ ସେମାନେ କାଜୁ ନିଗମରୁ ନିଲାମ ଆଣିଥିବା କହିଥିଲେ। ପରେ ଏ ନେଇ ୧୪ ଡିସେମ୍ବର ୨୦୦୯ରେ ଗୟଳ ବିକାଶ ସିଂ ପରିଷଦ ପକ୍ଷରୁ ତହସିଲଦାର, ଉପଜିଲାପାଳ, ଏସ୍‌ପି, ବନବିଭାଗ ନିକଟରେ ଅଭିଯୋଗ କରାଯାଇଥିଲା। କିଛିଦିନ ପରେ ଆର୍‌ଆଇ ଓ ଓଡ଼ଗାଁ ତହସିଲଦାର କାଜୁ ଜଙ୍ଗଲକୁ ଯାଇ ବନ ଉନ୍ନୟନ ନିଗମ ୫୯ ଏକର ୭୫ ଡେସିମିଲ ଜମିରେ କାଜୁ ଗଛ ଲଗାଇଥିବା ଗ୍ରାମବାସୀଙ୍କୁ କହିଥିଲେ। ଏହାସହ ଉକ୍ତ କାଜୁ ଜଙ୍ଗଲକୁ ସରକାର ନେବା ପାଇଁ ଚିଠିରେ ଉଲ୍ଲେଖ ହୋଇଥିବା ଦର୍ଶାଇଥିଲେ। ୧୦ବର୍ଷ ହେଲା ଗ୍ରାମବାସୀ ଏହାର ସମାଧାନ ପାଇଁ ଚାହୁଁଥିଲେ ମଧ ହୋଇପାରି ନ ଥିଲା। ଏହା ସତ୍ତ୍ୱେ ଗ୍ରାମବାସୀ କାଜୁ ମଞ୍ଜି ତୋଳି ଜୀବିକା ନିର୍ବାହ କରୁଥିଲେ। ହେଲେ ଗତବର୍ଷ ନିଲାମ ନେଇଥିବା ଏକ ସଂସ୍ଥାର ଲୋକମାନେ ଜଙ୍ଗଲରୁ କାଜୁ ମଞ୍ଜି ତୋଳିଥିଲେ। ଏହା ଦ୍ୱାରା ଆଦିବାସୀ ପରିବାରଙ୍କ ଜୀବିକା ଉପରେ ମାଡ଼ ହୋଇଥିଲା। ୫୯ ଏକର ୭୫ ଡେସିମିଲ ଜମିରେ ବିଭାଗ କାଜୁ ଲଗାଇଥିବା ବେଳେ ସେଠାରେ ଥିବା ୧୨୨ ଏକର ଜାଗାରେ ୨୫୦୦ କାଜୁ ଗଛରୁ ମଞ୍ଜି ତୋଳିବା ପାଇଁ କିପରି ଟେଣ୍ଡର କରାଗଲା ତାହାକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଆଦିବାସୀଙ୍କୁ ଉକ୍ତ କାଜୁ ଜଙ୍ଗଲରୁ ମଞ୍ଜି ତୋଳିବାକୁ ଅଧିକାର ଦେବା, ଟେଣ୍ଡର ହୋଇଥିଲେ ଏହାକୁ ବାତିଲ କରିବା, ଜଙ୍ଗଲ ଜମିକୁ ଦୀର୍ଘଦିନ ଧରି ଆଦିବାସୀମାନେ ଭୋଗ କରିଆସୁଥିବାରୁ ଉକ୍ତ ଜମିକୁ ସେମାନଙ୍କ ନାମରେ କରିବା ଆଦି ଦାବି ଜଣାଇ ସେମାନେ ଜିଲାପାଳଙ୍କୁ ଭେଟିଥିଲେ। ବନ ବିଭାଗକୁ କହି ଏହାର ତଦନ୍ତ କରିବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ନ୍ୟାୟ ନ ମିଳେଲ ସେମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିବେ ବୋଲି କହିଛନ୍ତି।



ବୈଠକରେ ଯୋଗଦେଇଥିବା ବିଭିନ୍ନ ସମିତିର କର୍ମକର୍ତ୍ତା।

# ସାମୂହିକ ବନ ସୁରକ୍ଷା ସମିତି ବୈଠକ

ଓଡ଼ଗାଁ,୧୪।୧୦(ସ୍ୱ.ପ୍ର.)

ବନ ସୁରକ୍ଷା ସମିତିକୁ ସକ୍ରିୟ କରିବା ନିମନ୍ତେ ନୟାଗଡ ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି ନିର୍ଦ୍ଦେଶକ୍ରମେ ସୋମବାର ସାମୂହିକ ବନ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନାଉଖାଳ ନର୍ସରିଠାରେ ଆୟୋଜିତ ବୈଠକରେ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ତଥା ତଥା ସାମୂହିକ ବନ ସୁରକ୍ଷା ସମିତି ଚେୟାରପର୍ସନ ରବୀନ୍ଦ୍ର ନାଥ ପଣ୍ଡା ଅଧକ୍ଷତା କରିଥିଲେ। ଏଥିରେ ୪୪ ବନ ସୁରକ୍ଷା ସମିତିର ସଭାପତିଙ୍କ ସହିତ ଜଣେ ପ୍ରତିନିଧି ଓ ଅଣ ସ୍ୱକୃତିପ୍ରାପ୍ତ ଅନୁଷ୍ଠାନରୁ ଜଣେ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ବାଣ୍ଟପୁରରୁ ନାରାୟଣ ପ୍ରଧାନ, ସାତପାଟିଆରୁ ଦେବରାଜ ବେହେରା, ପୋଡାସାହିରୁ ବିଜୟ କୁମାର ନାୟକ, ବଧୂଳିପୁରରୁ ବିରଞ୍ଚି ନାରାୟଣ ବେହେରା, ଲଣ୍ଡାବାଦୁର ଚନ୍ଦ୍ରମଣୀ ବିଷୋୟୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ଅଧାପନ୍ତରିଆ ଭାବେ ରହିଯାଇଥିବା ବନ ସୁରକ୍ଷା ସମିତିକୁ କାର୍ଯ୍ୟକାରୀ କରିବା, ବନ ସୁରକ୍ଷା ସମିତି ମଧରେ ଉତ୍ତମ ବୁଝାମଣା ସୃଷ୍ଟି କରିବା, ଜଙ୍ଗଲରୁ କାଠ ଚୋରି ଓ ନିଆଁ ଦାଉରୁ ମୁକ୍ତ ରଖିବା, ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ନିମନ୍ତେ ଧ୍ୟାନ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ସଦର ବନପାଳ ଜ୍ୟୋତିରଞ୍ଜନ ମାନସିଂ ଓ ବାହାଡ଼ାଖୋଲା ବନପାଳ ସରିତା ବରାଳଙ୍କ ସମେତ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## ନିର୍ମାଣ ଶ୍ରମିକ ମହାସଂଘର ଖବରଦାତା ସମ୍ମିଳନୀ

# କାର୍ଯ୍ୟାଳୟ ସମ୍ମୁଖରେ ଦେବେ ଗଣଧାରଣା

ନୟାଗଡ଼ ଅଫିସ,୧୪।୧୦

ନୟାଗଡ଼ ଜିଲା ନିର୍ମାଣ ଶ୍ରମିକ ମହାସଂଘ ପକ୍ଷରୁ ସୋମବାର ସାମ୍ବାଦିକ ଭବନ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୩ବର୍ଷ ହେଲା ଶ୍ରମିକ ପରିଚୟ ପତ୍ର ପାଇଁ ଜିଲାରେ ଥିବା ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟରେ ପାଖାପାଖି ୨୧ ହଜାର ଶ୍ରମିକ ଆବେଦନ କରିଥିଲେ ମଧ ସେମାନଙ୍କୁ କାର୍ଡ଼ ପ୍ରଦାନ କରାଯାଉ ନାହିଁ। ଏ ନେଇ ଜିଲାପାଳଙ୍କୁ ସଂଘ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ତେଣୁ ଆଗାମୀ ଦୁଇଦିନ ଭିତରେ ଏହାର ସମାଧାନ ନ ହେଲେ ନୟାଗଡ଼ ଖଣ୍ଡପଡ଼ା ରୋଡ଼ଠାରେ ଥିବା ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ଆଗରେ ଶ୍ରମିକମାନେ ଗଣଧାରଣା ଦେବେ ବୋଲି ଖବରଦାତା ସମ୍ମିଳନୀରେ ସଂଘର ସାଧାରଣ ସମ୍ପାଦକ ବାସୁଦେବ ମହାନ୍ତି ସୂଚନା ଦେଇଥିଲେ। ସେହିଭଳି ବହୁଦିନ ଧରି ପଡ଼ିରହିଥିବା ବିଭିନ୍ନ ସହାୟତା ରାଶି ମଞ୍ଜୁର କରାଯାଉ ନାହିଁ। ଫଳରେ ନିର୍ମାଣ ଶ୍ରମିକମାନେ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଥିବା ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧରେ ଖବରଦାତା ସମ୍ମିଳନୀରେ ସଭାପତି ରାଜକିଶୋର ମହାନ୍ତି, ଉପସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ପ୍ରମୋଦ କୁମାର ମହାରଣା, ସଦସ୍ୟ ସବିତା ରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନାଙ୍କୁ ପଚାରିବାରୁ ସେ କହିଥିଲେ, ନିୟମ ଅନୁସାରେ ଯେଉଁଭଳି ଭାବେ କାର୍ଯ୍ୟ ହେବା କଥା ହେଉଛି।

# ବୃଦ୍ଧଙ୍କଠାରୁ ଲୁଟ୍ କରିଥିବା ଯୁବକ ଗିରଫ

ନୟାଗଡ଼ ଅଫିସ,୧୪।୧୦

କିଛିଦିନ ତଳେ ଜଣେ ବୃଦ୍ଧଙ୍କଠାରୁ ୨୪ ହଜାର ୧୦୦ ଟଙ୍କା ଲୁଟ୍ କରିଥିବା ଜଣେ ଯୁବକଙ୍କୁ ଟାଉନ ଥାନା ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ଶରଣକୁଳ ଥାନା ନରେନ୍ଦ୍ରପୁର ଗ୍ରାମର ଆଲୋକ ନାୟକ। ଥାନାରୁ ମିଳିଥିବା ସୂଚନା ଅନୁସାରେ ଗତ ୫ ତାରିଖରେ ମାଛିପଡ଼ା ଗ୍ରାମର ନାରାୟଣ ମହାପାତ୍ର (୭୫) ଜଣେ ସମ୍ପର୍କୀୟଙ୍କ ବାଇକ୍‌ରେ ନୟାଗଡ଼ ଆସିଥିଲେ। ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାରୁ ତାଙ୍କ ପେନ୍‌ସନ ବାବଦକୁ ୨୫ ହଜାର ଟଙ୍କା ଉଠାଇଥିଲେ। ୧ ହଜାର ଟଙ୍କାର ଜିନିଷ କିଣି ବାକି ଟଙ୍କା ନେଇ ବାଇକ୍‌ରେ ଘରକୁ ଫେରୁଥିଲେ। ହରିହରପୁର ଲେଙ୍କୁଡ଼ିପଡ଼ା ରାସ୍ତାର ଏକ ମଦ ଦୋକାନ ନିକଟରେ ବାଇକ୍‌ରେ ପିଛା କରୁଥିବା ଦୁଇଜଣ ଯୁବକ ତାଙ୍କଠାରୁ ଟଙ୍କା ଛଡ଼ାଇନେଇ ଫେରାର ହୋଇଯାଇଥିଲେ। ଏ ନେଇ ନାରାୟଣ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୪୫/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଫେରାର ଅନ୍ୟଜଣେ ଯୁବକଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଜୟଦୀପ ମହାନ୍ତି ପ୍ରକାଶ କରିଛନ୍ତି।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ସୁମିତ୍ରାଙ୍କ ପରିବାର।

## ମହିଳାଙ୍କୁ ରୋଷେୟାରୁ ଛଟେଇ

# ଜିଲାପାଳଙ୍କଠାରେ ପୁନଃ ନିଯୁକ୍ତି ଦାବି

ନୟାଗଡ଼ ଅଫିସ,୧୪।୧୦

ଏକ ବିଦ୍ୟାଳୟରେ ରୋଷେୟା ଭାବେ କାମ କରୁଥିବା ଗଣିଆ ବ୍ଲକ କରଡ଼ାପଡ଼ା ଗ୍ରାମର ବିଧବା ସୁମିତ୍ରା ମୁଦୁଲିଙ୍କୁ ଛଟେଇ କରାଯାଇଥିବାରୁ ପୁନଃ ନିଯୁକ୍ତି ଦାବିରେ ସେ ସୋମବାର ଜିଲାପାଳଙ୍କୁ ଭେଟିଛନ୍ତି। ପ୍ରକାଶ ଯେ, ସୁମିତ୍ରା ନିକଟସ୍ଥ କରଡ଼ାପଡ଼ା ଗ୍ରାମର ପ୍ରଧାନସିଂହ ମଇ ପ୍ରାଥମିକ ବିଦ୍ୟାଳୟରେ ପାଚିକା ଭାବେ କାର୍ଯ୍ୟ କରୁଥିଲେ। ୨ମାସ ତଳେ ଉକ୍ତ ବିଦ୍ୟାଳୟଟି କଳାଶିମିଳି ପ୍ରାଥମିକ ବିଦ୍ୟାଳୟ ସହିତ ମିଶିଯାଇଥିଲା। ଉକ୍ତ ଦୁଇଟି ବିଦ୍ୟାଳୟରେ ଦୁଇଜଣ ଲେଖାଏ ୪ ଜଣ ରୋଷେୟା ଥିଲେ। ଦୁଇ ବିଦ୍ୟାଳୟ ମିଶିଯିବା ଫଳରେ ଛାତ୍ରୀଛାତ୍ରଙ୍କ ଅନୁପାତକୁ ଦେଖି ୩ଜଣ ରୋଷେୟାଙ୍କୁ ନିଯୁକ୍ତି କରାଯାଇଥିଲା। ୩ ଜଣଙ୍କ ସ୍ୱାମୀ ଓ ପୁଅମାନେ ରୋଜଗାରକ୍ଷମ ଥିବାବେଳେ ସେମାନଙ୍କୁ ନିଯୁକ୍ତି ଦିଆଯାଇଛି। ଅନ୍ୟପକ୍ଷରେ ସୁମିତ୍ରା ବିଧବା ହୋଇଥିବା ବେଳେ ଘରେ ଶାଶୁ ଓ ଗୋଟିଏ ୧୨ ବର୍ଷର ପୁଅ ରହିଛି। ତାଙ୍କୁ କିଭଳି ଛଟେଇ କରାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ରୋଷେୟା ଭାବେ କାମ କରୁଥିବାବେଳେ ସେଥିରୁ ମିଳୁଥିବା ଟଙ୍କା ଓ ୧୫ କିଲୋ ଚାଉଳରେ ପରିବାର ଚଳି ଆସୁଥିଲେ। ହେଲେ ବର୍ତ୍ତମାନ ଚଳିବା କଷ୍ଟକର ହୋଇପଡ଼ିଛି। ଆଗାମୀ ଦିନରେ ଏହାର ବିଚାର କରା ନ ଗଲେ ସେ ଅନଶନରେ ବସିବେ ବୋଲି ସୁମିତ୍ରା କହିଛନ୍ତି। କରଡ଼ାପଡ଼ା ସରପଞ୍ଚ ବେଣୁଧର ଦାସ ମଧ ସୁମିତ୍ରାଙ୍କୁ ଥଇଥାନ କରିବା ପାଇଁ ଜିଲାପାଳଙ୍କୁ ଚିଠି କରିଛନ୍ତି। ଜିଲାପାଳ ଏହାର ସମାଧାନ କରିବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ଦଶପଲ୍ଲା ଏନ୍‌ଏସିରେ ପ୍ରଧାନମନ୍ତ୍ରୀ ଆବାସରେ ଦୁର୍ନୀତି

## ଜିଲାପାଳଙ୍କଠାରେ ଅଭିଯୋଗ କଲେ ଯୁବକ

ନୟାଗଡ଼ ଅଫିସ,୧୪।୧୦

ନୟାଗଡ଼ ଜିଲା ଦଶପଲ୍ଲା ଏନ୍‌ଏସିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ବିଭୂତି ଭୂଷଣ ବରାଡ଼ ନାମକ ଜଣେ ଯୁବକ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ପାଇଥିବା ବ୍ୟକ୍ତି ଏନ୍‌ଏସିର କିଛି ଅସାଧୁ କର୍ମଚାରୀଙ୍କୁ ହାତ କରି ପୁନର୍ବାର ଘର ହାତେଇଛନ୍ତି। ଖାଲି ସେମାନେ ନୁହନ୍ତି, ସରକାରୀ କର୍ମଚାରୀ, ୩ବଖରା ଛାତଘର ଥିବା ବ୍ୟକ୍ତିମାନେ ମଧ ପକ୍କାଘର ହାତେଇଛନ୍ତି। ଏ ନେଇ ବିଭୂତି ପୂର୍ବରୁ ଦଶପଲ୍ଲା ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିପାରି ନାହିଁ। ତେଣୁ ବାଧ ହୋଇ ସେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ରାମଚନ୍ଦ୍ର ବରାଡ଼, କାଳିଆ ପ୍ରଧାନ, ଜଗନ୍ନାଥ ବରାଡ଼ ପ୍ରମୁଖ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ମିଳୁ ନ ଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଜିଲାପାଳ ଏହାର ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ବିଭୂତି ପ୍ରକାଶ କରିଛନ୍ତି।

# ଓମ୍‌ଫେଡ ଦୋକାନରୁ ଚୋରି ଅଭିଯୋଗ

ଓଡ଼ଗାଁ,୧୪।୧୦(ସ୍ୱ.ପ୍ର.): ଓଡଗାଁ ଥାନା ଅନତି ଦୂରରେ ଥିବା ଓମ୍‌ଫେଡ୍ ଦୋକାନରୁ ନଗଦ ଟଙ୍କା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଦୋକାନ ମାଲିକ ସନ୍ତୋଷ କୁମାର ସାହୁ ରବିବାର ରାତିରେ ଦୋକାନ ବନ୍ଦ କରିଯାଇଥିଲେ। ସୋମବାର ସକାଳୁ ଦୋକାନ ଖୋଲିବା ବେଳେ ୨୧,୮୪୫ ଟଙ୍କା ଚୋରି ହୋଇଥିବା ଜାଣିଥିଲେ। ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରୁଥିବା ଆଇଆଇସି ମମତା ପତି ସୂଚନା ଦେଇଛନ୍ତି।

### ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ୨୪୫ ଅଭିଯୋଗର ଶୁଣାଣି ହେଲା

ନୟାଗଡ଼ ଅଫିସ,୧୪।୧୦

ସୋମବାର ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ପୋମା ଟୁଡୁ ୨୪୫ ଅଭିଯୋଗର ଶୁଣାଣି କରିଥିଲେ। ଏଥିମଧ୍ୟରୁ ୨୩୭ଟି ବ୍ୟକ୍ତିଗତ ସମସ୍ୟା ହୋଇଥିବା ବେଳେ ୨ଟି ଗ୍ରାମ ସମସ୍ୟା, ୫ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ଓ ୧ଟି ରେଡ୍‌କ୍ରସରୁ ସହାୟତା ନିମନ୍ତେ ଅଭିଯୋଗ ହୋଇଥିଲା। ୫ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୩୭ ହଜାର ଓ ଜଣେ ହିତାଧିକାରୀଙ୍କୁ ରେଡ଼କ୍ରସ୍ ପାଣ୍ଠିରୁ ୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଶଶିଭୂଷଣ ଶତପଥୀ, ପିଡି ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ।



ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

## ଅସରଳା ଅଞ୍ଚଳରେ ବ୍ୟାପୁଛି ବଜବଜିଆ ରୋଗ

# ୨ ସପ୍ତାହରେ ୧୦ ଗୋରୁଙ୍କ ମୃତ୍ୟୁ

ବୋଲଗଡ଼, ୧୪।୧୦(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ଅସରଳା ଓ ପୁଆଣିଆ ଗ୍ରାମରେ ଗୋରୁଙ୍କୁ ବଜବଜିଆ ଓ ସାହଣ ରୋଗ ବ୍ୟାପିବାରେ ଲାଗିଛି। ୨ସପ୍ତାହ ମଧ୍ୟରେ ଗ୍ରାମରେ ୧୦ରୁ ଊର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଗୋପାଳକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ,ଏହି ରୋଗରେ ଆକସ୍ମିକ ଭାବେ ଗୋରୁଙ୍କ ବେକତଳ ଫୁଲିଯାଉଛି। ଆକ୍ରାନ୍ତ ଗୋରୁ ଦିନେ ଦୁଇଦିନ ମଧ୍ୟରେ ମୃତ୍ୟୁମୁଖରେ ପଡୁଛନ୍ତି। ଖବର ପାଇ ବାଙ୍କୋଇ ପ୍ରାଣୀଧନ ନିରୀକ୍ଷକ ଓ ବୋଲଗଡ଼ ପ୍ରାଣୀ ଚିକିତ୍ସାଳୟରୁ କର୍ମଚାରୀ ଆସି ୧୫୦ ଗୋରୁଙ୍କୁ ଟିକାକରଣ କରିଛନ୍ତି। ଗୋପାଳକ ଶ୍ରୀନିବାସ ବେହେରାଙ୍କ ଏଭଳି ରୋଗ ଦ୍ୱାରା ୭ ଗାଈ ଓ ବାଛୁରୀଙ୍କ ମୃତ୍ୟୁ ଘଟିଛି। ସେହିପରି ସନ୍ତୋଷ ବରାଡଙ୍କ ଗୋଟିଏ ଗାଈ ଓ କାଶୀନାଥ ପ୍ରଧାନଙ୍କ ୨ଟି ଗାଈଙ୍କ ମୃତ୍ୟୁ ଘଟିଛି। ତୁରନ୍ତ ଏହାର ନିରାକରଣ ସହ ଗ୍ରାମରେ ଥିବା ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ରରେ କର୍ମଚାରୀ ନିଯୁକ୍ତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ଶ୍ରୀନିବାସ ବେହେରାଙ୍କ ରୋଗାକ୍ରାନ୍ତ ଗାଈ।

# ରାସ୍ତା, ପାନୀୟ ଜଳ ସମସ୍ୟା ନେଇ ଜିଲାପାଳଙ୍କୁ ଭେଟିଲେ

ନୟାଗଡ଼ ଅଫିସ,୧୪।୧୦

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହୀପୁର ପଞ୍ଚାୟତ ମାଳିଶର ଗ୍ରାମବାସୀ ସୋମବାର ରାସ୍ତା ଓ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଜିଲାପାଳଙ୍କୁ ଭେଟିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ୫୭ନଂ. ଜାତୀୟ ରାଜପଥଠାରୁ ମାଳିଶର ନନ୍ଦିଘୋଷପୁର ଗ୍ରାମ ଦେଇ ନିର୍ମାଣ ହେଉଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ପୁଣି ଯାହା ବି କାମ ହୋଇଛି ତା'ର ତଦନ୍ତ ପାଇଁ ସେମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ ୨୦୧୧ ମସିହାଠାରୁ ଉକ୍ତ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ସରିନାହିଁ। ଫଳରେ ଉକ୍ତ ରାସ୍ତାରେ ଯାଆସ କରୁଥିବା ୫ ଖଣ୍ଡ ଗ୍ରାମର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ପୂର୍ବରୁ ସେମାନେ ବିଭିନ୍ନ ସ୍ଥାନରେ ଅଭିଯୋଗ କରିଥିଲେ ମଧ ସୁଫଳ ମିଳିନି। ସେହିଭଳି ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ପାଇପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା ନାହିଁ। ଗତବର୍ଷ ଗ୍ରାମ୍ୟ ଜଳଯୋଗାଣ ବିଭାଗର ଅଧିକାରୀମାନେ ଓଭରହେଡ୍ ଟାଙ୍କି ହେବ ବୋଲି କହିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ହୋଇପାରି ନାହିଁ। ତୁରନ୍ତ ଏହି ସମସ୍ୟା ସମାଧାନ ନ ହେଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି। ପ୍ରମୋଦ ବେହେରା, ବିପ୍ର ଚରଣ ଦାଶ, ରଘୁନାଥ ପରିଡ଼ା, ଗୋବିନ୍ଦ ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲାପାଳଙ୍କୁ ଭେଟିଥିଲେ।



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ମାଳିଶର ଗ୍ରାମବାସୀ।